ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ

Vol.26 . No.249 Bhubaneswar Tuesday November 14 2023 | ୨୬ତମ ବର୍ଷ ସଂଖ୍ୟା–୨୪୯ ଭୁବନେଶ୍ୱର, ମଙ୍ଗଳବାର, ନଭେମ୍ବର ୧୪, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) | Member-INS

## ନବୀନଙ୍କ ମାରାଥନ୍ ଜିଲ୍ଲା ଗସ୍ତ: ସରକାରୀ ଖର୍ଚ୍ଚରେ ଦଳୀୟ ପ୍ରଚାର ପାଇଁ ରଣନୀତି

ଭୁବନେଶ୍ୱର,୧୩।୧୧(ପି.ଏନ): ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମାରାଥନ୍ ଜିଲ୍ଲା ଗସ୍ତ କରିବେ । ବିଭିନ୍ନ ଜିଲ୍ଲାରେ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦଘାଟନ କରିବେ । ଏଥିପାଇଁ ସରକାରୀସ୍ତରରେ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି । ନବୀନଙ୍କ ସରକାରୀ କାର୍ଯ୍ୟକ୍ରମରୁ ଫାଇଦା ନେବାକୁ ବିଜେଡି ପକ୍ଷରୁ ମଧ୍ୟ ରଣନୀତି ଚୂଡାନ୍ତ ହୋଇଥିବା ଜଣାପଡିଛି । ୨୨ବର୍ଷ ପୁରୁଣା ବଲାଙ୍ଗୀର ଜିଲ୍ଲାର ଲୋୟର ସୁକତେଲ ପ୍ରକଳ୍ପ, ମୟୂରଭଞ୍ଜ ଜିଲ୍ଲାର ହଳଦିଆ ଡ୍ୟାମ୍ ଓ ନୟାଗଡର କୁସୁମୀ ବ୍ୟାରେଜ୍ ଉଦଘାଟନ ସମେତ ବର୍ଷ ବର୍ଷ ଧରି ପଡି ରହିଥିବା ବିଭିନ୍ନ ଜଳସେଚନ ପ୍ରକଳ୍ପର ମଧ୍ୟ ଉଦଘାଟନ ଓ ଶିଳାନ୍ୟାସ କାର୍ଯ୍ୟ ନବୀନ ଏହି ଗସ୍ତ ସମୟରେ କରିବେ ବୋଲି ଜଣାପଡିଛି । ସୂଚନା ଅନୁସାରେ, ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବିଭିନ୍ନ ଜିଲ୍ଲାକୁ ଗସ୍ତ କରିବାର କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି । 'ଲକ୍ଷ୍ମୀ' ବସ୍ ଯୋଜନାର ଉଦଘାଟନ ଆଳରେ ନବୀନ ମାଲକାନଗିରି, ଗଜପତି ଓ କଳାହାଣ୍ଡି ଜିଲ୍ଲା ଗସ୍ତ କରିସାରିଥିବାବେଳେ ଆସନ୍ତାବର୍ଷ ଜାନୁୟାରୀ ମାସ ଶେଷ ସୁଦ୍ଧା ରାଜ୍ୟର ଅନ୍ୟ ସମସ୍ତ ଜିଲ୍ଲାକୁ ଗସ୍ତ କରିବେ ବୋଲି ଜଣାପଡିଛି । ମଝିରେ ବିଧାନସଭାର ଶୀତ ଅଧିବେଶନ ପାଇଁ ନଭେମ୍ବର ମାସ ଶେଷ ସପ୍ତାହରେ ୮-୧୦ଦିନ କୌଣସି କାର୍ଯ୍ୟକ୍ରମ ନଥିବାବେଳେ ଡିସେମ୍ବର ଓ ଜାନୁୟାରୀ ମାସରେ ବ୍ୟାପକ ଗସ୍ତ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି । ନବୀନଙ୍କ ଜିଲ୍ଲା ଗସ୍ତବେଳେ ସାଧାରଣ ସଭା ମଧ୍ୟ ହେବ ବୋଲି ସୂଚନା ମିଳିଛି । ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଡିସେମ୍ବର ଦ୍ୱିତୀୟ ସପ୍ତାହରେ ମୟୂରଭଞ୍ଜ ଜିଲ୍ଲା ଗସ୍ତରେ ଯିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତବେଳେ ନବୀନ ହଳଦିଆ ଡ୍ୟାମ ଉଦଘାଟନ କରିବା ସହ ସୁବର୍ଣ୍ଣରେଖା ଜଳସେଚନର ଦ୍ୱିତୀୟ ପର୍ଯ୍ୟାୟ ପ୍ରକଳ୍ପର ଶିଳାନ୍ୟାସ କରିବେ । ଏହି ଜଳସେଚନ ପ୍ରକଳ୍ପରେ ବଇସିଙ୍ଗା ଶାଖା କେନାଲରେ ୩୨୫୫୫ ହେକ୍ଟର ଜମିକୁ ଜଳସେଚନ ଓ ସୁବର୍ଣ୍ଣରେଖା ଶାଖା କେନାଲରେ ୭୩୩୯ ହେକ୍ଟର ଜମିକୁ ଜଳସେଚନ ସୁବିଧା ମିଳିପାରିବ । ଏହି ପ୍ରକଳ୍ପ କାର୍ଯ୍ୟକ୍ଷମ ହେଲେ ଉଭୟ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାବାସୀ ଲାଭାନ୍ୱିତ ହେବେ । ମୟୂରଭଞ୍ଜ ଜିଲ୍ଲା ଗସ୍ତବେଳେ ଅନ୍ୟାନ୍ୟ ବିଭାଗର ପ୍ରକଳ୍ପ ସମେତ ଲକ୍ଷ୍ମୀ ବସ୍ ଯୋଜନାର ମଧ୍ୟ ଶୁଭାରମ୍ଭ ଏବଂ ଜନସଭାକୁ ସମ୍ବୋଧିତ କରିବେ ବୋଲି ଜଣାପଡିଛି ।



## ହଷ୍ଟେଲରୁ ଇଞ୍ଜିନିୟରିଂ ଛାତ୍ରୀଙ୍କ ମୃତଦେହ ଉଦ୍ଧାର, ପରିବାର ଲୋକ ଆଣିଲେ ହତ୍ୟା ଅଭିଯୋଗ

ଭୁବନେଶ୍ୱର,୧୩।୧୧(ପି.ଏନ):ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ତରାବୋଇ ଅଞ୍ଚଳର ଏକ ଘରୋଇ ଇଞ୍ଜିନିୟରିଂ କଲେଜ ହଷ୍ଟେଲରୁ ଆଜି ଜଣେ ଛାତ୍ରୀଙ୍କୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଥିବା ବେଳେ ଡାକ୍ତରଖାନାରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା ।ମୃତ ଛାତ୍ରୀଙ୍କ ନାଁ ସଂପୂର୍ଣ୍ଣା ମହାନ୍ତି । ତାଙ୍କ ଘର ପୁରୀ ଜିଲ୍ଲା କାକଟପୁର ଅଞ୍ଚଳରେ । ସେ ଡିପ୍ଲୋମା ଦ୍ୱିତୀୟ ବର୍ଷର ଛାତ୍ରୀ ଥିଲେ ।ସଂପୂର୍ଣ୍ଣାଙ୍କ ମୃତ୍ୟୁର କାରଣ ଜଣାପଡି ନଥିବା ବେଳେ ପରିବାର ଲୋକେ ଆଣିଛନ୍ତି ହତ୍ୟା ଅଭିଯୋଗ । ତାଙ୍କ ବାପା ସନ୍ଦୀପ ମହାନ୍ତି କହିଛନ୍ତି ଯେ ଗତକାଲି ଓ ଆଜି ଝିଅ ଭିଡିଓ କଲ୍ କରି ପରିବାର ଲୋକଙ୍କ ସହିତ ଭଲରେ କଥା ହୋଇଥିଲା । ଦୀପାବଳିରେ ଘରକୁ ଆସି ପାରି ନଥିବାରୁ କାର୍ତ୍ତିକ ପୂର୍ଣ୍ଣିମାରେ ଆସିବ ବୋଲି କହିଥିଲା । ତା' ପାଇଁ ବାଣ ରଖିବାକୁ କହିଥିଲା । ୧୧ଟା ପାଖାପାଖି ସେ ଘର ଲୋକଙ୍କ ସହିତ ଫୋନ୍‌ରେ କଥା ହୋଇଥିଲା । ଆଉ ୧୨ଟା ପରେ ଫୋନ୍ ଆସିଲା ତା' ଅବସ୍ଥା ଗୁରୁତର ଅଛି । ତାକୁ ଡାକ୍ତରଖାନା ନିଆଯାଇଛି ।ସନ୍ଦୀପ ମହାନ୍ତି ଅଭିଯୋଗ କରିଛନ୍ତି ଯେ ତାଙ୍କ ଝିଅକୁ ହତ୍ୟା କରାଯାଇଛି । ତା' ବେକରେ ଏକାଧିକ ଦାଗ ଅଛି । ଗୋଡରେ ମଧ୍ୟ କ୍ଷତ ଅଛି । ଯେଉଁ ରଶିରେ ସେ ଝୁଲିଥିଲା ବୋଲି କୁହାଯାଉଛି, ତାହା ବେଶ୍ ପତଳା । ତା' ଓଜନ ଅନୁସାରେ ସେହି ରଶିରେ ସେ ଝୁଲିଥିବ ବୋଲି ବିଶ୍ୱାସ ହେଉନି ।





## ଡିସେମ୍ବର ୧ରେ କଂଗ୍ରେସ କରିବ 'ତୁଳସୀ ଯାତ୍ରା'

ଭୁବନେଶ୍ୱର,୧୩।୧୧(ପି.ଏନ): ଡିସେମ୍ବର ୧ରେ କଂଗ୍ରେସ ସାରା ରାଜ୍ୟରେ କରିବ 'ତୁଳସୀ ଯାତ୍ରା' । ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା ଏବଂ ରତ୍ନଭଣ୍ଡାର ଖୋଲିବା ଦାବିରେ ସବୁ ପଞ୍ଚାୟତରୁ ତୁଳସୀ ଆସି ପୁରୀ ବଡଦାଣ୍ଡରେ ପହଞ୍ଚିବ । ଏନେଇ ପ୍ରେସମିଟରେ ଆଜି ସୂଚନା ଦେଇଛନ୍ତି ପିସିସି ସଭାପତି ଶରତ ପଟ୍ଟନାୟକ । ସୂଚନାଯୋଗ୍ୟ, ଶ୍ରୀଜଗନ୍ନାଥ ମନ୍ଦିରର ୪ ଦ୍ୱାର ଖୋଲିବା, ରତ୍ନଭଣ୍ଡାରର ମରାମତି ଓ ରତ୍ନ ଅଳଙ୍କାର ଗଣନା, ଅମୃତମଣୋହି ଜମି ଫେରସ୍ତ ଆଣିବା ଆଦି ଦାବିରେ ଆସନ୍ତା ୧ ତାରିଖରେ କଂଗ୍ରେସ 'ତୁଳସୀ ଯାତ୍ରା' ଆରମ୍ଭ କରିବ । ପ୍ରତ୍ୟେକ ଗାଁ ଓ ପଂଚାୟତରୁ କର୍ମୀମାନେ ତୁଳସୀ ସଂଗ୍ରହ କରିବେ । ରାଜ୍ୟର ୩୧୪ ବ୍ଲକ୍‌ରୁ ତୁଳସୀ ପତ୍ର ସଂଗ୍ରହ କରାଯିବ । ଚଳିତ ମାସ ଶେଷ ସୁଦ୍ଧା ରାଜ୍ୟର ସାଧାରଣ ଲୋକ, ଜଗନ୍ନାଥ ପ୍ରେମୀ, ଯୁବକ ଯୁବତୀ, ଛାତ୍ରଛାତ୍ରୀ, ହବିଷ୍ୟାଳି, ଭକ୍ତ ଓ ବିଭିନ୍ନ ବର୍ଗର ବ୍ୟକ୍ତିମାନଙ୍କଠାରୁ ତୁଳସୀ ସଂଗ୍ରହ କରାଯିବ । ଜିଲ୍ଲା କଂଗ୍ରେସ ସଭାପତିଙ୍କ ତତ୍ତ୍ୱାବଧାନରେ ନଗର,ବ୍ଲକ ସଭାପତିମାନେ ବୁଥ, ୱାର୍ଡ ଓ ପଞ୍ଚାୟତ ସଭାପତିଙ୍କ ଜରିଆରେ ତୁଳସୀ ସଂଗ୍ରହ କରିବେ ।ପ୍ରତି ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ ଗୋଟିଏ ଲେଖାଏଁ ଗାଡିରେ ସଂଗୃହୀତ ତୁଳସୀକୁ ଭୁବନେଶ୍ୱରସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ଅଣାଯିବ । ସାରା ରାଜ୍ୟରୁ ସଂଗୃହୀତ ତୁଳସୀ ସହ ସଜ ତୁଳସୀ ନେଇ ପିସିସି ସଭାପତି ଶରତ ପଟ୍ଟନାୟକ ନେତୃତ୍ୱରେ ଦଳର କର୍ମୀ ଓ ନେତାମାନେ ଶ୍ରୀକ୍ଷେତ୍ରକୁ ତୁଳସୀ ଯାତ୍ରା କରିବେ ।

## ପୁରୁଷୋତ୍ତମ ଏକ୍ସପ୍ରେସ୍‌କୁ ବଡ ଝଟ୍‌କା,୨ ଯାତ୍ରୀଙ୍କ ମୃତ୍ୟୁ

ରାଞ୍ଚି,୧୩।୧୧(ପି.ଏନ): ଦିଲ୍ଲୀ ଅଭିମୁଖେ ଯାଉଥିବା ପୁରୀ-ନୂଆଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସ୍ ଏମର୍ଜନ୍‌ସୀ ବ୍ରେକ୍ ପ୍ରୟୋଗ କରିବାରୁ ଏହାର ଝଟକାରେ ପଡି ଦୁଇ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି । ଗତକାଲି ଝାରଖଣ୍ଡର କୋଡରମା ଓ ଗୋମୋ ରେଳ ଷ୍ଟେସନ ମଧ୍ୟବର୍ତ୍ତୀ ପ୍ରସାଦବାଦରେ ଘଟିଛି ଏହି ଘଟଣା । ଏକ ଓଭର ହେଡ୍ ବିଦ୍ୟୁତ୍ ତାର ଛିଡି ଯିବାରୁ ପୁରୀ-ନୂଆଦିଲ୍ଲୀ ପୁରୁଷୋତ୍ତମ ଏକ୍ସପ୍ରେସର ଲୋକୋ ପାଇଲଟ୍ ଏମର୍ଜନ୍‌ସୀ ବ୍ରେକ୍ ପ୍ରୟୋଗ କରିଥିଲେ । ଟ୍ରେନ୍‌କୁ ଅଟକାଇବାକୁ ସେ ଏମର୍ଜନ୍‌ସୀ ବ୍ରେକ୍ ଲଗାଇଥିଲେ । ତେବେ ଏମର୍ଜନ୍‌ସୀ ବ୍ରେକ୍‌ର ପ୍ରୟୋଗ ଯୋଗୁ ଟ୍ରେନ୍‌କୁ ବଡ ଝଟକା ଲାଗିଥିଲା । ଆଉ ଏହି ଝଟକା ପ୍ରଭାବରେ ପଡି ଦୁଇ ଜଣ ଯାତ୍ରୀ ପ୍ରାଣ ହରାଇଥିଲେ । ଏହି ଦୁର୍ଘଟଣା ଘଟିବା ବେଳେ ପୁରୀ-ନୂଆଦିଲ୍ଲୀ ଏକ୍ସପ୍ରେସର ବେଗ ଘଣ୍ଟାପ୍ରତି ୧୩୦ କିଲୋମିଟର ଥିଲା । ଧାନବାଦ ରେଳ ଡିଭିଜନର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି,ଯେହେତୁ ହଠାତ୍ ବିଦ୍ୟୁତ୍ ସଂଯୋଗ ବିଚ୍ଛିନ୍ନ ହୋଇଗଲା,ତେଣୁ ଏମର୍ଜେନ୍‌ସୀ ବ୍ରେକ୍ ଲଗାଇବାକୁ ପଡିଲା । ଆଉ ଏଥିଯୋଗୁ ହୋଇଥିବା ଝଟକାରେ ଦୁଇ ଜଣ ଯାତ୍ରୀଙ୍କ ମୃତ୍ୟୁ ଘଟିଛି ।

## ରାଷ୍ଟ୍ରପତି କରିବେ ୩ଟି ନୂଆ ଟ୍ରେନର ଶୁଭାରମ୍ଭ

ଭୁବନେଶ୍ୱ.୧୩।୧୧(ପି.ଏନ): ଆସନ୍ତା ୨୧ତାରିଖରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ନିଜ ଜନ୍ମମାଟି ରାଇରଙ୍ଗପୁରଠାରେ ୩ଟି ନୂଆ ଟ୍ରେନର ଶୁଭାରମ୍ଭ କରିବେ । ଏହି ୩ଟି ନୂଆ ଟ୍ରେନ ବାଦାମପାହାଡ/ରାଇରାଙ୍ଗପୁର ଷ୍ଟେସନ ମଧ୍ୟ ଦେଇ ଚଳପ୍ରଚଳ କରିବ ବୋଲି ରେଳବାଇ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ।ସୂଚନା ଅନୁସାରେ ରାଷ୍ଟ୍ରପତି ଶ୍ରୀମତୀ ମୁର୍ମୁ ଆସନ୍ତା ୨୦ତାରିଖରେ ୩ଦିନିଆ ଓଡିଶା ଗସ୍ତରେ ଆସିବାର କାର୍ଯ୍ୟକ୍ରମ ରହିଛି । ଏହି ଗସ୍ତବେଳେ ରାଷ୍ଟ୍ରପତି ଉକ୍ତ ୩ଟି ଟ୍ରେନର ଉଦଘାଟନ କରିବେ । ରାଷ୍ଟ୍ରପତିଙ୍କ ନିଜ ଜନ୍ମମାଟି ରାଇରଙ୍ଗପୁର ଓ ବାଦାମପାହାଡ ଷ୍ଟେସନକୁ ଏକ୍ସପ୍ରେସ୍ ଓ ମେଲ୍ ଟ୍ରେନ ଚଳାଚଳ କରାଇବା ନିମନ୍ତେ ଦୀର୍ଘଦିନରୁ ଦାବି ହୋଇ ଆସୁଥିଲା ।ରେଳବାଇ ସୂତ୍ରରୁ ଜଣାପଡିଛି ଯେ, ନୂଆ ଟ୍ରେନକୁ ରାଷ୍ଟ୍ରପତି ଉଦଘାଟନ କରିବା ନେଇ କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି । ଟ୍ରେନକୁ ପତାକା ଦେଖାଇ ଉଦଘାଟନ କରିବା ପରେ ସେ ଟ୍ରେନରେ ଯାତ୍ରା କରିବେ । ପ୍ରଥମ ଟ୍ରେନଟି ଶାଳିମାର(କୋଲକାତା)-ବାଦାମପାହାଡା-ଶାଳିମାର ସାପ୍ତାହିକ ଏକ୍ସପ୍ରେସ ଯାହାକି ଶାଳିମାରରୁ ପ୍ରତ୍ୟେକ ଶନିବାର ରାତି ୧୧ଟା ୫ମିନିଟରେ ଛାଡିବ ଓ ବାଦାମପାହାଡଠାରେ ତା' ପରଦିନ ସକାଳ ୫ଟା ୪୦ମିନିଟରେ ପହଂଚିବ । ସେହିପରି ରିଟର୍ଣ୍ଣ ଟ୍ରେନ ବାଦାମପାହାଡରୁ ପ୍ରତ୍ୟେକ ରବିବାର ରାତି ସାଢ଼େ ୯ଟାରେ ଛାଡିବ ଓ ପରଦିନ ସକାଳ ୫ଟାରେ ଶାଳିମାରରେ ପହଂଚିବ । ଏହି ଟ୍ରେନ ବହଳଦା ରୋଡ, ଅଁଳାଜୋରି ଓ ରାଇରାଙ୍ଗପୁରଠାରେ ରହଣୀ କରିବ ।ଦ୍ୱିତୀୟ ଟ୍ରେନଟି ବାଦାମପାହାଡ-ରାଉରକେଲା-ବାଦାମପାହାଡ ସାପ୍ତାହିକ ଏକ୍ସପ୍ରେସ୍ ଚଳପ୍ରଚଳ କରିବ । ଯାହାକି ବାଦାମପାହାଡରୁ ପ୍ରତି ରବିବାର ସକାଳ ୬ଟା ୧୦ମିନିଟରେ ଛାଡିବ ଓ ରାଉରକେଲାରେ ସେହି ଦିନ ପୂର୍ବାହ୍ନ ୧୧ଟା ୪୦ ମିନିଟରେ ପହଂଚିବ । ଉକ୍ତ ରିଟର୍ଣ୍ଣ ଟ୍ରେନ ରାଉରକେଲାରୁ ପ୍ରତି ରବିବାର ଅପରାହ୍ନ ୨ଟା ୨୦ମିନିଟରେ ଛାଡି ବାଦାମପାହାଡଠାରେ ସନ୍ଧ୍ୟା ୭ଟା ୨୫ମିନିଟରେ ପହଂଚିବ । ଏହି ଟ୍ରେନ ରାଇରଙ୍ଗପୁର, ଅଁଳାଜୋରି ଓ ବହଳଦା ରୋଡଠାରେ ରହଣୀ କରିବ ।ସେହିପରି ତୃତୀୟ ଟ୍ରେନଟି ଟାଟାନଗର-ବାଦାମପାହାଡ-ଟାଟାନଗର ମଧ୍ୟରେ ସପ୍ତାହକୁ ୬ଦିନ ଚଳପ୍ରଚଳ କରିବ । କେବଳ ରବିବାର ବ୍ୟତୀତ ଏହି ଟ୍ରେନ ପ୍ରତ୍ୟେକ ଦିନ ସକାଳ ୯ଟା ୫୫ମିନିଟରେ ଟାଟାନଗରରୁ ବାହାରି ବାଦାମପାହାଡଠାରେ ସେହିଦିନ ପୂର୍ବାହ୍ନ ୧୨ଟା ୧୫ମିନିଟରେ ପହଂଚିବ । ରିଟର୍ଣ୍ଣ ଟ୍ରେନ ରବିବାର ବ୍ୟତୀତ ୧୨ଟା ୪୫ମିନିଟରେ ବାହାରି ଉକ୍ତଦିନ ଅପରାହ୍ନ ୩.୨୦ମିନିଟରେ ପହଂଚିବ ।



## ଖଣି ବ୍ୟବସାୟୀ ନିରାକାର ସାହୁ ହତ୍ୟା ଘଟଣା: ସୁପାରୀ କିଲର ସମେତ ଦୁଇ ଗିରଫ

ଭୁବନେଶ୍ୱର,୧୩।୧୧(ପି.ଏନ): ଢେଙ୍କାନାଳ ଜିଲା ତୁମୁସିଂଗା ଥାନା ବାରୁଆ (କା) ସମିତି ସଭ୍ୟ ଦୀପକ ମାହୁନ୍ତଙ୍କ ହତ୍ୟା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଥିବା କନ୍ତିଓପୁଟସାହି ଗ୍ରାମର ନିର ଓରଫ ନିରାକାର ସାହୁ ହତ୍ୟା ଘଟଣାରେ ପୁଲିସ ସୁପାରୀ କିଲର ସମେତ ୨ ଜଣଙ୍କୁ ଗିରଫ କରିଛି । ଘଟଣା ଦିନ ଗୁଳିବିଦ୍ଧ ମୃତଦେହ ଗତ ସେପ୍ଟେମ୍ବର ୨୮ ତାରିଖ ସକାଳୁ ଆଳତୁମା ଗ୍ରାମ ମାଳବନ୍ଧ ରେଲଓ୍ୱେ ବ୍ରିଜ ସଉରିଆ ଆମ୍ବ ତୋଟା ନିକଟରୁ ଉଦ୍ଧାର କରାଯାଇଥିଲା । ତାଙ୍କୁ ପୂର୍ବ ଶତ୍ରୁତାରୁ ହତ୍ୟା କରାଯାଇଥିବା ନେଇ ତାଙ୍କ ପତ୍ନୀ ଜାନକୀ ସାହୁ କାମାକ୍ଷାନଗର ଥାନାରେ ଲିଖିତ ଅଭିଯୋଗ କରିଥିଲେ । ଏ ସଂକ୍ରାନ୍ତରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା ।

## ୧୫ରେ ଓଡିଶାର ୧୯ଟି କୋଇଲା ଖଣିର ହେବ ନିଲାମ

ଭୁବନେଶ୍ୱର,୧୩।୧୧(ପି.ଏନ): : ଚଳିତମାସ ୧୫ତାରିଖରେ ଓଡିଶାର ୧୯ଟି କୋଇଲା ଖଣିର ନିଲାମ ହେବ । ଓଡିଶା ସମେତ ୫ଟି ରାଜ୍ୟର ମୋଟ୍ ୩୯ଟି କୋଇଲା ଖଣିର ନିଲାମ ହେବ । କେନ୍ଦ୍ର କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଅଷ୍ଟମ ପର୍ଯ୍ୟାୟରେ ନିଲାମ ହେବାକୁ ଥିବା ଏହି ଖଣିଗୁଡିକ ଓଡିଶା, ବିହାର, ଝାଡଖଣ୍ଡ,ମହାରାଷ୍ଟ୍ର ଓ ପଶ୍ଚିମବଙ୍ଗରେ ରହିବ ।କୋଇଲା କ୍ଷେତ୍ରରେ ଦେଶକୁ ଆତ୍ମନିର୍ଭରଶୀଳ କରିବା ନିମନ୍ତେ ସମସ୍ତ କୋଇଲା ଖଣିର ବ୍ୟବସାୟିକ ନିଲାମ କରାଯିବ କରାଯିବ ବୋଲି ମନ୍ତ୍ରଣାଳୟ ପକ୍ଷରୁ ସୂଚନା ଦିଆଯାଇଛି ।ଓଡିଶାର ସର୍ବାଧିକ ୧୯ଟି କୋଇଲା ଖଣି ନିଲାମ ହେବ । ଏଥିରୁ ୮ଟି ଖଣି ସମ୍ପୂର୍ଣ୍ଣ ଖନନଯୋଗ୍ୟ ଅବସ୍ଥାରେ ରହିଛି । ବାକି ୧୧ଟି ଆଂଶିକ ଖନନଯୋଗ୍ୟ ରହିଛି । ତେଣୁ ନିଲାମଧାରୀ ଅଳ୍ପ ଖର୍ଚ୍ଚରେ ଅବଶିଷ୍ଟ ୧୧ଟି ଖନନଯୋଗ୍ୟ ଖଣିର ବିକାଶ କରି ସେଥିରୁ କୋଇଲା ଉତ୍ତୋଳନ କରିପାରିବେ । ଏହି ସମସ୍ତ ଖଣି ବିବାଦମୁକ୍ତ ଓ ଏହାର ବିକାଶ ତଥା କୋଇଲା ଉତ୍ତୋଳନ ପାଇଁ କୌଣସି ଅସୁବିଧା ହେବ ନାହିଁ ବୋଲି ମନ୍ତ୍ରଣାଳୟ ସୂଚନା ଦେଇଛି । ଯେଉଁମାନେ ନିଲାମରେ ସଫଳ ହେବେ ସେମାନଙ୍କ ପାଇଁ କୋଇଲା ମନ୍ତ୍ରଣାଳୟ ଏକ 'ସିଙ୍ଗଲଓ୍ୱିଣ୍ଡୋ କ୍ଲିଅରାନ୍ସ ସିଷ୍ଟମ' ପୋର୍ଟାଲ ପ୍ରସ୍ତୁତ କରିଛି । ସେମାନଙ୍କୁ ଏହି ପୋର୍ଟାଲ ମାଧ୍ୟମରେ ଖଣି ନିଲାମ ଅଧିକାର ଓ ଅନୁମତି ପତ୍ର ପ୍ରଦାନ କରାଯିବ । ସଫଳ ନିଲାମଧାରୀଙ୍କୁ ଆବଶ୍ୟକ ସହାୟତା ଯୋଗାଇ ଦେବାକୁ



## ସ୍ୱଚ୍ଛ ଏବଂ ପ୍ରଦୂଷଣ ମୁକ୍ତ ଦୀପାବଳିର ସଚେତନତା ପାଇଁ ପୁରୀ ପୌରପାଳିକାର ଅଭିନବ ପ୍ରୟାସ

ପୁରୀ,୧୩।୧୧(ପି.ଏନ): ଚଳିତ ବର୍ଷର ଦୀପାବଳି କୁ ସ୍ୱଚ୍ଛ ଏବଂ ପ୍ରଦୂଷଣ ମୁକ୍ତ ଦୀପାବଳି ଭାବେ ପାଳନ କରିବା ପାଇଁ ପୁରୀ ପୌରପାଳିକା ତରଫରୁ ଜନ ସଚେତନତା ପାଇଁ ସମୁଦ୍ର ବେଳାଭୂମିରେ ଏକ ବାଲୁକା ଶିଳ୍ପ ର ଆୟୋଜନ କରାଯାଇଥିଲା । ଏହାକୁ ବାଲୁକାଶିଳ୍ପୀ ଶ୍ରୀଯୁକ୍ତ ରଞ୍ଜନ ଗାଙ୍ଗୁଲି ପ୍ରସ୍ତୁତ କରିଥିଲେ । ଏହି ବାଲୁକା ଶିଳ୍ପକୁ ଦେଖିବା ପାଇଁ ସନ୍ଧ୍ୟାରେ ସମୁଦ୍ର କୂଳରେ ପର୍ଯ୍ୟଟକ ମାନଙ୍କର ଭିଡ ଲାଗିଥିଲା । ଏହି କାର୍ଯ୍ୟକ୍ରମ ରେ ପୌରପାଳିକା ର ଅତିରିକ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ ମନୋଜ କୁମାର ବେହେରା, ପୌରପାଳିକାର ସ୍ୱଚ୍ଛତା ବିଶେଷଜ୍ଞ ରିସଭ୍ ଦାସ ଏବଂ ସୌଭାଗ୍ୟଲକ୍ଷ୍ମୀ ଜେନା, ସହକାରୀ ଯନ୍ତ୍ରୀ ଭଗବାନ ବେଶ୍ରା, TULIP Intern ପ୍ରିୟଙ୍କା ପ୍ରିୟଦର୍ଶିନୀ , ସ୍ୱଚ୍ଛ ସୁପର୍ଭାଇଜାର ଏବଂ ସାଥୀ ମାନେ ଉପସ୍ଥିତ ଥିଲେ । ଏହା ଛଡା ପୌରପାଳିକାର ସମସ୍ତ ୩୨ ଟି ୱାର୍ଡରେ ସ୍ୱଚ୍ଛ ଏବଂ ପ୍ରଦୂଷଣ ମୁକ୍ତ ଦୀପାବଳୀ ପାଇଁ ସଚେତନତା ଶୋଭାଯାତ୍ରା ଏବଂ ସପଥପାଠ ର ମଧ୍ୟ ଆୟୋଜନ ହୋଇଥିଲା ।




## ଦୀପାବଳିରେ ବିଭିନ୍ନ ସ୍ଥାନରେ ଅଘଟଣ; କ୍ୟାପିଟାଲ୍ ହସ୍ପିଟାଲରେ ୧୦୦ରୁ ଉର୍ଦ୍ଧ୍ୱ ଆହତଙ୍କ ଚିକିତ୍ସା

ଭୁବନେଶ୍ୱର,୧୩।୧୧(ପି.ଏନ): ଗତକାଲି ଆଲୋକର ପର୍ବ ଦୀପାବଳି ଅବସରରେ ରାଜ୍ୟବାସୀ ପିଠା ଖାଇ, ବାଣ ଫୁଟାଇ ବଡ ଧୂମଧାମରେ ଉତ୍ସବ ପାଳନ କରିଛନ୍ତି । ତେବେ ଗୋଟିଏ ପଟେ ଲୋକମାନେ ଖୁସିରେ ମସଗୁଲ ରହିଥିବା ବେଳେ ଅନ୍ୟପକ୍ଷରେ ସାମ୍ନାକୁ ଆସିଛି ବିଭିନ୍ନ ସ୍ଥାନରେ ଘଟିଥିବା ଅଘଟଣ ଖବର । ସେଥିମଧ୍ୟରୁ କାହାର ହାତ,ଗୋଡ଼ ପୋଡ଼ିଛି ତ ପୁଣି ଆଉ କିଏ ଗୁରୁତର ଆହତ ହୋଇଛନ୍ତି । ଛୋଟରୁ ବଡ଼, ମହିଳାଙ୍କଠାରୁ ଆରମ୍ଭ କରି ପୁରୁଷଙ୍କ ପର୍ଯ୍ୟନ୍ତ ଅନେକ ଆହତ ହୋଇଛନ୍ତି । ଯଦି ରାଜଧାନୀ ଭୁବନେଶ୍ୱର କଥା ଦେଖାଯାଏ ତେବେ କ୍ୟାପିଟାଲ ହସ୍ପିଟାଲରେ ପ୍ରାୟ ୧୦୦ରୁ ଉର୍ଦ୍ଧ୍ୱ ଆହତ ଚିକିତ୍ସା ପାଇଁ ପହଞ୍ଚିଥିବା ଜଣାପଡିଛି । ତେବେ ସ୍ୱତନ୍ତ୍ର ଟିମ ଦ୍ୱାରା ସମସ୍ତ ଆହତଙ୍କ ଚିକିତ୍ସା ଜାରି ରହିଛି ।ସୂଚନା ଥାଉକି, ପ୍ରଦୂଷଣ ଓ ଜନସାଧାରଣଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଦୀପାବଳି ପାଇଁ ସୋମବାର ଏକ ସ୍ୱତନ୍ତ୍ର ଗାଇଡ୍ ଲାଇନ ଜାରି କରାଯାଇଥିଲା ।ଦୀପାବଳିରେ ବାଣ ଫୁଟାଇବାକୁ ନେଇ ଅଗ୍ନିଶମ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯିବା ସହ ସତର୍କ ମଧ୍ୟ କରାଯାଇଥିଲା । ସିଧାସଳଖ ହାତ ଦ୍ୱାରା ବାଣରେ ଅଗ୍ନି ସଂଯୋଗ କରନ୍ତୁ ନାହିଁ । ଗୃହପାଳିତ ପଶୁଙ୍କୁ ଦୂରେଇ ରଖନ୍ତୁ । ନିକଟରେ ପାଣି ବାଲ୍ଟି ଓ ବାଲି ରଖନ୍ତୁ । ବାଣ ଫୁଟାଇବା ସମୟରେ ସୂତା ବସ୍ତ୍ର ପରିଧାନ କରନ୍ତୁ । ଜନ ଗହଳି ସ୍ଥାନରେ ବାଣ ଫୁଟାନ୍ତୁ ନାହିଁ ବୋଲି ପରାମର୍ଶ ଦିଆଯାଇଥିଲା ।ସେହିପର ବାଣ ଦୋକାନ ଚାରିପଟେ ପଲିଥିନ ଓ ଦହନଶୀଳ ପଦାର୍ଥ ନ ରଖିବାକୁ ପରାମର୍ଶ ଦିଆଯାଇଥିଲା । ଦୋକାନ ପରସ୍ପରଠାରୁ ଅତି କମରେ ୧୦ ଫୁଟ ଦୂରତା ରଖିବେ । କୌଣସି ତେଲ, ଦୀପ, ଗ୍ୟାସ୍ ଦୀପ, ଖୋଲା ଲାଇଟ ବ୍ୟବହାର ନ କରିବାକୁ କୁହାଯାଇଥିଲା । ଅନ୍ୟପଟେ ଚଳିତ ଦୀପାବଳିକୁ ସ୍ୱଚ୍ଛ, ସବୁଜ ଓ ସୁରକ୍ଷିତ ଭାବେ ପାଳନ କରିବା ପାଇଁ ଏଥର ବିଏମ୍‌ସି ପକ୍ଷରୁ ବ୍ୟାପକ ଉଦ୍ୟମ ମଧ୍ୟ କରାଯାଇଥିଲା । ମାତ୍ର ସବୁ ସତର୍କ ଓ ପରାମର୍ଶ ସ୍ୱତ୍ତ୍ୱେ ଭୁବନଶ୍ୱର ସମେତ ରାଜ୍ୟର ଅନେକ ସ୍ଥାନରେ ବାଣ ପାଇଁ ଅଘଟଣ ଘଟିଥିବା ଖବର ସାମ୍ନାକୁ ଆସିଛି ।




## ୨ ଜଣ ଶିକ୍ଷକଙ୍କ ହାତରେ ୧୫୨ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ

ଭୁବନେଶ୍ୱର,୧୩।୧୧(ପି.ଏନ): ଢେଙ୍କାନାଳ ଜିଲ୍ଲା କାମାକ୍ଷାନଗର ବ୍ଲକ କଙ୍ଗେଇ ଗାଁର ଜନତା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଷଷ୍ଠ, ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ସମୁଦାୟ ୧୫୨ ଜଣ ଛାତ୍ରଛାତ୍ରୀ ଅଛନ୍ତି । କିନ୍ତୁ ଏହି ତିନିଟି ଶ୍ରେଣୀର ପିଲାମାନଙ୍କୁ ପଢ଼ାଇବା ପାଇଁ ଅଛନ୍ତି ମାତ୍ର ୨ ଜଣ ଶିକ୍ଷକ ।ପୂର୍ବରୁ ୪ ଜଣ ଶିକ୍ଷକ ଥିଲେ । ତେବେ ୪ ମାସ ତଳେ ଜଣେ ଶିକ୍ଷକଙ୍କର ବଦଳି ହୋଇଯାଇଥିଲା । ସେହିପରି ଆଉ ଜଣେ ସିଆରସିସି ଭାବେ ଦାୟିତ୍ୱ ନେଇଥିଲେ । ତା'ପରଠୁ ୨ ଜଣ ଶିକ୍ଷକରେ ଚାଲିଛି ତିନିଟି ଶ୍ରେଣୀର ପାଠପଢ଼ା । ଯଦି କୌଣସି ଦିନ ସେମାନଙ୍କ ମଧ୍ୟରୁ ଜଣେ ଅନୁପସ୍ଥିତ ରହନ୍ତି ସେଦିନ କେବଳ ଜଣେ ଶିକ୍ଷକରେ ଚାଲେ ଏହି ତିନିଟି ଶ୍ରେଣୀ । ଏଥିରୁ ଅନୁମାନ କରି ହେଉଛି ସ୍କୁଲରେ କେମିତି ପାଠପଢ଼ା ହେଉଥିବ ।

## ଆଜି ସୃଷ୍ଟି ହୋଇପାରେ ଲଘୁଚାପ

ନୂଆଦିଲ୍ଲୀ,୧୩।୧୧(ପି.ଏନ): ଆସନ୍ତା ୧୪ ତାରିଖରେ ବଙ୍ଗୋପସାଗରରେ ସୃଷ୍ଟି ହେବାକୁ ଥିବା ଲଘୁଚାପ କ୍ଷେତ୍ର ୧୬ ତାରିଖ ବେଳକୁ ଏକ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି । ତେବେ ଏହା ସାମୁଦ୍ରିକ ବାତ୍ୟାରେ ପରିଣତ ହେବାର କୌଣସି ସମ୍ଭାବନା ନାହିଁ ବୋଲି ଘରୋଇ ପାଣିପାଗ ସଂସ୍ଥା ସ୍କାଏମେଟ୍ କହିଛି । ସ୍କାଏମେଟ ପକ୍ଷରୁ ସୋମବାର କୁହାଯାଇଛି ଯେ, ନଭେମ୍ବର ୧୪ ବେଳକୁ ଦକ୍ଷିଣ-ପୂର୍ବ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇ ପଶ୍ଚିମ-ଉତ୍ତର-ପଶ୍ଚିମ ଦିଗକୁ ଗତି କରି ନଭେମ୍ବର ୧୬ ବେଳକୁ କେନ୍ଦ୍ରୀୟ ଓ ସଂଲଗ୍ନ ଦକ୍ଷିଣ ବଙ୍ଗୋପସାଗରରେ ଲଘୁଚାପରେ ପରିଣତ ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ନଭେମ୍ବର ୧୫ରୁ ଉପକୂଳ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁରେ ବର୍ଷା ଆରମ୍ଭ ହୋଇପାରେ । ଏହାର ପ୍ରଭାବ ତାମିଲନାଡୁଠାରୁ ଆରମ୍ଭ କରି ଓଡ଼ିଶା ଓ ଗାଙ୍ଗେୟ ପଶ୍ଚିମବଙ୍ଗ ପର୍ଯ୍ୟନ୍ତ ପୂର୍ବ ଉପକୂଳରେ ଦେଖିବାକୁ ମିଳିବ । କିନ୍ତୁ ଏହା ବାତ୍ୟାରେ ପରିଣତ ହେବାର ସମ୍ଭାବନା ବହୁତ କମ୍ ବୋଲି ଜଣାପଡିଛି ।








# ଟି ଟାଇମ୍

## ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଂଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ସ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି । ଆମେରିକୀୟ କମ୍ପାନୀ ଫୋର୍ଡ଼ ଗିକି ସହିତ ମିଶି ଏହି ଦିଗରେ କାମ କରୁଛି ।

## ମୋଗଲ ଯୁଗର ଘଂଟେୱାଲା ଦୋକାନ




ଦିଲ୍ଲୀର ଚାନ୍ଦିନି ଚୌକ ସ୍ଥିତ ୨୨୫ବର୍ଷ ପୁରୁଣା ମିଠା ଦୋକାନ ଘଂଟେୱାଲାକୁ କ୍ରୟ କରିବା ପାଇଁ ଆରମ୍ଭ ହୋଇଯାଇଛି ପ୍ରତିଯୋଗିତା। ଏଥିପାଇଁ କିଛି ବ୍ୟବସାୟ ୧୦କୋଟି ଟଙ୍କାର ଅଫର ଦେଇଥିଲା ବେଳେ ଦୋକାନର ମାଲିକ ୧୦୦କୋଟିରୁ ଅଧିକ ଦାବି କରୁଥିବା କୁହାଯାଉଛି। ୧୭୯୦ ମସିହାରେ ମୋଗଲ ଶାସନ ସମୟରେ ଏହି ମିଠା ଦୋକାନର ଆରମ୍ଭ ହୋଇଥିଲା। ମିଠା ଏବଂ ନମକିନ ପାଇଁ ଏହି ଦୋକାନର ଖ୍ୟାତି ଖାଲି ଦିଲ୍ଲୀ ନୁହେଁ ଦେଶ ବାହାରେ ମଧ୍ୟ ରହିଛି। ତେବେ ବର୍ତ୍ତମାନର ଦୋକାନ ମାଲିକ ସୁଶାନ୍ତ ଜୈନ ଏହି ଦୋକାନକୁ କିଛି ଦିନ ହେବ ବନ୍ଦ କରିଛନ୍ତି। ତାଙ୍କ ଯୁକ୍ତି ହେଉଛି ଯେ, କ୍ୱାଲିଟ କଂଟ୍ରୋଲ ବିଭାଗର ଚାପ ଯୋଗୁ ଦୋକାନ ଚଳାଇବା କଷ୍ଟ ହେଉଛି। ଏଥିସହ ଦୋକାନ ବନ୍ଦ କରିବାର ଅନ୍ୟ କାରଣ ମଧ୍ୟ ରହିଛି। ଦୋକାନ ବନ୍ଦ କାରଣରୁ ପୁରୁଣା ଦିଲ୍ଲୀର ଲୋକମାନଙ୍କ ମଧ୍ୟରେ ନିରାଶା ଭାବ ଦେଖାଦେଇଛି। ଦୋକାନ ବିକ୍ରି ହେବାର ଚର୍ଚ୍ଚା ଯୋର ଧରିଥିବାରୁ ବହୁ ଦୋକାନି ଦୋକାନ କିଣିବା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏଥିପାଇଁ ୧୦କୋଟିରୁ ଅଧିକ ଟଙ୍କାର ଅଫର ମଧ୍ୟ ସେମାନେ ଦେଲେଣି।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଂଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।



## ପୁରାଣ କାହାଣୀ

# ନାରୀଙ୍କ ସାତଟି ବିଶେଷ ଗୁଣ



ଭଗବାନ ତାଙ୍କ ସୃଷ୍ଟିର ସମସ୍ତ ଜୀବଙ୍କ ଭିତରେ, ଆତ୍ମା ରୂପରେ ସମାନ ଭାବରେ ପୂରି ରହି ସମସ୍ତଙ୍କୁ ସଂଚାଳିତ କରୁଥିଲେ ମଧ୍ୟ ଭିନ୍ନ ଭିନ୍ନ ଲୋକଙ୍କର ପୃଥକ୍ ପୃଥକ୍ କର୍ମ ସମ୍ପାଦନ ନିମିତ ଶକ୍ତିର ବିଭିନ୍ନତା ଦୃଷ୍ଟିରୁ ସେମାନଙ୍କ ଭିତରେ ଭଗବାନ୍‌ଙ୍କ ବିଭୂତିର ତାରତମ୍ୟ ଦେଖାଦେଇଥାଏ । ସେହି ଦୃଷ୍ଟିରୁ ପିଲାମାନଙ୍କୁ ଜନ୍ମ ଦେଇ ସେମାନଙ୍କର ଲାଳନପାଳନ କରିବା ସହିତ ଅନ୍ୟମାନଙ୍କ ପ୍ରତି ଅନୁକମ୍ପା ପ୍ରଦର୍ଶନ କରି ପରିବାର ଏବଂ ସମାଜରେ ମାଧୁର୍ଯ୍ୟର ଭାବ ସୃଷ୍ଟି କରିବା ଭଳି କର୍ତବ୍ୟ ସମ୍ପାଦନ ପାଇଁ ଭଗବାନ୍ ତାଙ୍କ ବିଭୂତି ରୂପରେ ନାରୀମାନଙ୍କଠାରେ ସାତୋଟି ବିଶେଷ ଗୁଣ ରୂପରେ ପ୍ରକାଶ ହୋଇଛନ୍ତି । ସେହିଗୁଣଗୁଡ଼ିକ ହେଉଛି କୀର୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଏବଂ କ୍ଷମା । ଭଗବାନ କୀର୍ତି ରୂପରେ ନାରୀମାନଙ୍କଠାରେ ପ୍ରକାଶିତ ହୋଇ ନାରୀଙ୍କର ପବିତ୍ରତା, ନିଷ୍କଳଙ୍କ ଚରିତ୍ର ଏବଂ ସଦାଚରଣର ଭାବକୁ ନେଇ ତାଙ୍କର ସୁଖ୍ୟାତି ପ୍ରକାଶ କରିଛନ୍ତି । ସେହି ଦୃଷ୍ଟିରୁ ନାରୀମାନେ ତାଙ୍କ ଉପରେ ନିର୍ଭରଶୀଳ ତାଙ୍କ ପରିବାରର ସମସ୍ତ କାମସବୁ ଠିକ୍ ସମୟରେ କରିଦେବା ଦରକାର । ଏହାଦ୍ୱାରା ପରିବାରବର୍ଗ ଆନନ୍ଦପ୍ରାପ୍ତ ହେବେ ଓ ପରିବାରରେ ଶାନ୍ତିର ବାତାବରଣ ସୃଷ୍ଟି ହେବ ।

ଭଗବାନ୍ ନାରୀମାନଙ୍କ ଶରୀରରେ ମେଧା ରୂପରେ ନିବାସ କରିଥାଆନ୍ତି । ଏହା ହେଉଛି ଧୀଶକ୍ତି ବା ଧାରଣ କରିବାର ଶକ୍ତି । ଏହି ଶକ୍ତିସମ୍ପନ୍ନ ବ୍ୟକ୍ତିକୁ ଯାହା ଥରେ ଶିଖାଇ ଦିଆଯାଏ ସେ ତାହା ସହଜରେ ମନେ ରଖିଥାଆନ୍ତି, ଏପରିକି କେତେକ ବିଷୟ ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କ ମନରେ ରହିଯାଇଥାଏ । ନାରୀମାନଙ୍କ ମେଧା ଦୃଷ୍ଟିରୁ ସେମାନେ ସମସ୍ତ କାମକୁ ଶୀଘ୍ର ବୁଝିଥାନ୍ତି ଓ ବିରକ୍ତି ପ୍ରକାଶ ନକରି ସେ ସବୁର ସମ୍ପନ୍ନ କରିବା ନାରୀପକ୍ଷେ ସହଜସାଧ୍ୟ ହୋଇଥାଏ । ଏହି ଦୃଷ୍ଟିରୁ ଯାହାର ଧୀଶକ୍ତି ଯେତେ ପ୍ରଖର ତା’ର ସେତିକି ଅଧିକ ଆଦର । ଭଗବାନଙ୍କ ବିଭୂତି ଆତ୍ମବଳ ରୂପରେ ନାରୀଙ୍କଠାରେ ପ୍ରକଟିତ ହୋଇ ତାଙ୍କୁ ପ୍ରଦାନ କରୁଥିବା ଧୈର୍ଯ୍ୟ ବା ଧାରଣ କରିବାର ଶକ୍ତି ହେଉଛି ଧୃତି । ଯାହାର ଜୀବନରେ ଧୃତି କମିଯାଏ ସେ ବିଶେଷ ଶକ୍ତିଶାଳୀ ହୋଇ ପାରିନଥାନ୍ତି ଏବଂ ଜୀବନରେ ସଫଳ ହୋଇପାରି ନଥାନ୍ତି । ଦଣ୍ଡ ଦେବାର ଶକ୍ତିଥିଲେ ମଧ୍ୟ ଅପରାଧକୁ ଭୁଲି, ଅପରାଧୀକୁ କିଛି ଦଣ୍ଡ ନ ଦେବା ହେଉଛି କ୍ଷମା। ବିଭୂତି ରୂପରେ ନାରୀମାନଙ୍କ ପାଖରେ ଭଗବାନ ରହି ସେମାନଙ୍କ ସ୍ୱଭାବସୁଲଭ କର୍ତବ୍ୟ ପାଳନ ପାଇଁ ଏହି ସଦ୍‌ଗୁଣର ବିଶେଷ ପ୍ରଭାବ ଅଛି। ଭଗବାନ ତାଙ୍କ ବିଭୂତି ରୂପରେ ପ୍ରକାଶ କରିଥିବା ସାତୋଟି ଗୁଣକୁ ଧାରଣ କରିଥିବା ଜଣେ ଆଦର୍ଶ ନାରୀ ସତୀସାଧ୍ୱୀ ରୂପରେ ଏତେ ଉପରକୁ ଉଠି ଯାଇପାରିବେ ଯେପରି ଲୋକେ ମନେ କରିବେ ଯେ ଜଣେ ଦେବୀ ସ୍ୱର୍ଗରୁ ପୃଥିବୀକୁ ଓହ୍ଲାଇ ଆସିଛନ୍ତି । ସେତେବେଳେ ସେ ପୃଥିବୀ ପରି କ୍ଷମାଶୀଳ, ସମୁଦ୍ର ପରି ଗମ୍ଭୀର, ଗଙ୍ଗା ମାତାଙ୍କ ପରି ପାବନୀ ଏବଂ ଦୃଷ୍ଟଙ୍କ ପାଇଁ ପ୍ରଜ୍ୱଳିତ ଅଗ୍ନିସ୍ୱରୂପ ହୋଇଯାଇପାରେ । ସେ ସମସ୍ତଙ୍କୁ ଶୀତଳତାର ସ୍ପର୍ଶ ଦେଇପାରିବ ଓ ଆକାଶ ପରି ସମସ୍ତଙ୍କୁ ଧାରଣ କରିପାରିବ ।

## କୁକୁର ପେଟରେ ଅଜବ ଖାଦ୍ୟ



ଆମେରିକାର ପେଙ୍ଗିସିଲବେନିଆ ପ୍ରାନ୍ତର ଏକ ଭାଗରେ ଜଣେ ବ୍ୟକ୍ତି ୮ବର୍ଷ ପର୍ଯ୍ୟନ୍ତ ଲେବ୍ରାଡୋର ନାମକ ଏକ କୁକୁରକୁ ଘରେ ପାଳୁଥିଲେ । ହଠାତ୍ କୁକୁରର ଶରୀର ଅସୁସ୍ଥ ହେବାରୁ ଔଷଧ କିଣି ଖୁଆଇଥିଲେ । କିନ୍ତୁ ଲେବ୍ରାଡୋରର ଅବସ୍ଥାରେ ସୁଧାର ଆସିନଥିଲା । କୁକୁରଟି ପେଟ ଯନ୍ତ୍ରଣାରେ ବହୁତ କଷ୍ଟ ପାଇବାରୁ କୁକୁରର ମାଲିକ ଡାକ୍ତରଖାନା ନେଇଯାଇଥିଲେ । ଡାକ୍ତରଖାନାରେ କୁକୁର ପେଟ ଏକ୍ସରେ ହେବା ଫଳରେ ସମସ୍ତ କଥା ପଦାକୁ ଆସିଯାଇଥିଲା । ପ୍ରକୃତରେ କୁକୁରଟିର ପେଟରେ ଯନ୍ତ୍ରଣା ହେବାର କାରଣ ହେଉଛି, ତା’ର ପେଟରେ କେତେକ ଅଖାଦ୍ୟ ରହିଥିଲା । ପେଟରୁ ୬୨ଟି ମୁଣ୍ଡ, କେଶ ବନ୍ଧା ବ୍ୟାଣ୍ଡ ଓ ୮ଟି ଅନ୍ତଃବସ୍ତ୍ର ବାହାରିଥିଲା । ଯାହାକୁ ସେ ଖାଇ ଦେଇଥିଲା । ଦୀର୍ଘ ଦୁଇ ଘଂଟାର ଅସ୍ତ୍ରୋପଚାର କରି କୁକୁରର ପେଟରୁ ଏସବୁ ଅଖାଦ୍ୟ ବାହାର କରାଯାଇଥିଲା ।

## ଏକାଧିକ ବିବାହ କରନ୍ତି ଖାସି ସମ୍ପ୍ରଦାୟର ମହିଳା



ବିଶ୍ୱର ବିଭିନ୍ନ ଦେଶରେ ଭଳିକିଭଳି ଆଦିବାସୀ ଅଛନ୍ତି । ସେମାନଙ୍କ ସଂସ୍କୃତି ଓ ପରମ୍ପରା କୌଣସି ରହସ୍ୟଠାରୁ କିଛି କମ୍ ନୁହେଁ । ମେଘାଳୟରେ ରହୁଥିବା ଖାସି ସମ୍ପ୍ରଦାୟର ମହିଳାଙ୍କ ହାତରେ ପରିବାରର ଦାୟିତ୍ୱ ନ୍ୟସ୍ତ ହୋଇଥାଏ । ଏହି ସମ୍ପ୍ରଦାୟର ପୁରୁଷମାନେ ବିବାହ ପରେ ଶ୍ୱଶୁର ଘରେ ଯାଇ ରୁହନ୍ତି । ଏଠାରେ ପୁରୁଷମାନଙ୍କୁ ଘରର ସବୁକାମ କରିବାକୁ ହୋଇଥାଏ। ବାହାରର ସବୁ କାମ ମହିଳା କରନ୍ତି । ମେଘାଳୟରେ ଥିବା ବଜାରଗୁଡ଼ିକର ଦୋକାନରେ ମହିଳା କାମ କରନ୍ତି। ଖାସି ସମ୍ପ୍ରଦାୟରେ ଘରର ସାନ ଝିଅକୁ ସବୁଠୁ ଅଧିକ ସମ୍ପତି ମିଳିଥାଏ । ଏହି କାରଣରୁ ଘରର ସାନଝିଅ ମାତା-ପିତା, ଅବିବାହିତା ପୁଅ-ଝିଅଙ୍କର ଦେଖାଶୁଣା କରିଥାଏ। ଏହି ସମ୍ପ୍ରଦାୟର ଛୋଟ ଝିଅମାନେ ପିଲାଦିନେ ପଶୁହାଡ଼ରେ ଖେଳନ୍ତି । ଏଗୁଡ଼ିକ ସେମାନେ ଆଭୂଷଣଭାବେ ବ୍ୟବହାର କରନ୍ତି । ଖାସି ସମ୍ପ୍ରଦାୟର ପରିବାରଗୁଡ଼ିକ ମହିଳା କେନ୍ଦ୍ରିକ ପରିବାର। ଅନେକ ଦିନ ପୂର୍ବରୁ ଏହି ସମ୍ପ୍ରଦାୟର ପୁରୁଷମାନେ ଯୁଦ୍ଧକୁ ପଳାଇ ଯାଇଥିଲେ ଓ ମହିଳାଙ୍କୁ ଛାଡ଼ି ଦେଇ ଯାଇଥିଲେ । ଏଥିଯୋଗୁଁ ପୁଅଝିଅମାନଙ୍କୁ ଘରର ମହିଳାମାନେ ସେମାନଙ୍କ ଉପନାମ ଦେଉଥିଲେ । ସେହିଭଳି ଖାସି ମହିଳାଙ୍କର ଅନେକ ଜୀବନସାଥୀ ଥାଏ । ତେଣୁ ପିଲାମାନଙ୍କୁ ମହିଳାମାନେ ସେମାନଙ୍କର ଉପନାମ ଦେଉଥିଲେ । ଏହି ସମ୍ପ୍ରଦାୟରେ କନ୍ୟା ସନ୍ତାନ ଜନ୍ମନେଲେ ମହିଳାମାନେ ଖୁସି ମନାନ୍ତି ।

## ଖାଦ୍ୟରେ ଟଏଲେଟ୍ ବ୍ରସ୍

ବ୍ରିଟେନ୍‌ରେ ରହୁଥିବା ଦୁଇବର୍ଷର ଲିଲି ନାମକ ଏକ ଛୋଟ ଝିଅ । ଯିଏ ଏକ ଭିନ୍ନ ଅଭ୍ୟାସରେ ପଡିଯାଇଛି । ତାକୁ ସାମାନ୍ୟ ଦ୍ରବ୍ୟ ଖାଇବାର ରୁଚି ବହୁତ କମ୍ ଥାଏ। ଡାକ୍ତରଙ୍କ ମତ ଅନୁସାରେ ଲିଲି ପିକା ନାମକ ଏକ ରୋଗରେ ପୀଡିତ । ଏହି ରୋଗ କାରଣରୁ ଲିଲିକୁ ଟଏଲେଟ୍ ସଫା କରାଯାଉଥିବା ବ୍ରସ୍ ଏବଂ କପଡା ଖାଇବାର ଅଭ୍ୟାସ ରହିଛି । ଡାକ୍ତର ମଧ୍ୟ ଲିଲିର ଏପରି ବ୍ୟବହାରରେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । କେତେବେଳେ ଲିଲି କାହାର ନଜର ଆଢୁଆଳରୁ ଖସିଯିବାରେ ସଫଳ ହୋଇଛି । ଏହାପରେ ସେ ସିଧା ବାଥ୍‌ରୁମ୍ ଭିତରେ ପସିଯାଏ ଏବଂ ସେଠାରେ ରଖାଯାଇଥିବା କପଡା ଏବଂ ଟଏଲେଟ୍ ବ୍ରସ୍‌କୁ ଖାଇବା ଆରମ୍ଭ କରିଦେଇଥାଏ ।

## ଓଲଟା ଚାଲିବାର ଅଭ୍ୟାସ



ଦୁନିଆରେ ଭିନ୍ନ ଭିନ୍ନ କାହାଣୀ ବହନ କରୁଥିବା ଲୋକ ବାସବାସ କରନ୍ତି। ଏବେ ଦେଖନ୍ତୁ ତାମିଲ୍‌ନାଡୁର ତ୍ରିପୁରାରେ ରହୁଥିବା ମଣିମଣିଥନ୍ ଯିଏ ଓଲଟା ଚାଲିଥାନ୍ତି। ୧୯୮୯ରେ ଦେଶଯାକରେ ସୃଷ୍ଟି ହୋଇଥିବା ଆତଙ୍କ ଘଟଣାରେ ଆହତ ହୋଇଥିଲେ ତ୍ରିପୁରାର ମଣିମଣିଥନ୍। ବିଶ୍ୱଶାନ୍ତି ପ୍ରତିଷ୍ଠା ପାଇଁ ଓଲଟା ଚାଲିବା ତାଙ୍କର ଏକ ଅଭିନବ ପ୍ରୟାସ ବୋଲି ମଣି କହନ୍ତି। ଦୀର୍ଘ ୨୬ବର୍ଷ କାଳ ଏଭଳି ଅଜବ୍ ଢ଼ଙ୍ଗରେ ଚାଲିବା ଅଭ୍ୟାସ ଜାରି ରଖିଛନ୍ତି। ତେବେ ଚାଲିବା ସମୟରେ ତାଙ୍କୁ ସଡକ ପାର କରିବାକୁ ପଡୁ କି ସିଡି ଚଢିବାକୁ ହେଉ ସେ ସଦାସର୍ବଦା ଓଲଟା ହିଁ ଚାଲିଥାନ୍ତି। ଫଳରେ ସିଧା ଚାଲିବା ସେ ସମ୍ପୂର୍ଣ୍ଣ ରୂପେ ଭୁଲି ଗଲେଣି ଏବଂ ଓଲଟା ଚାଲିବା ନିତିଦିନିଆ ଅଭ୍ୟାସରେ ପରିଣତ ହୋଇଗଲାଣି।

## ଆଜିର ଭାଗ୍ୟ

**ମେଷ** — ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟାର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ** — ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ** — ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ** — ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ** — ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ଦାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା** — ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା** — ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା** — ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ** — ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର** — କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ** — ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ** — ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଲିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୩, ନଭେମ୍ବର ୧୪**

# ରାଷ୍ଟ୍ର-ନିର୍ମାତା ନେହରୁ ଓ ଶିଶୁ ଦିବସ



ଡ଼ଃ.ଅରୁନ୍ଧତୀ ଦେବୀ

ପଣ୍ଡିତ ଜବାହରଲାଲଙ୍କର ପୂର୍ବଜମାନେ ଥିଲେ କାଶ୍ମୀରର ମୂଳ ବାସିନ୍ଦା । ଜାତିରେ ସାରସ୍ୱତ ବ୍ରାହ୍ମଣ । ସେମାନେ ଥିଲେ କୌଲ ସାଙ୍ଗିଆଧାରୀ । ଉଭୟ ସଂସ୍କୃତ ଓ ପାରସୀ ଭାଷାରେ ସେମାନଙ୍କର ଦକ୍ଷତା ଏବଂ ପାଣ୍ଡିତ୍ୟ ଦେଖି ମୁଗଲ୍ ସମ୍ରାଟ ଫରୁଖ ସିୟର ନେହରୁଙ୍କ ଜନୈକ ପୂର୍ବଜଙ୍କୁ ଦିଲ୍ଲୀ ନିମନ୍ତ୍ରିତ କରି ସ୍ଥାୟୀ ଭାବେ ବସବାସ କରିବା ନିମନ୍ତେ ବାସଗୃହ ଓ ଭୂ-ସଂପତ୍ତି ଯୋଗାଇଦେଇଥିଲେ । ନହର ନାମକ କେନାଲ ପାର୍ଶ୍ୱରେ ଜାଗିରି ସ୍ୱରୂପ କେତେକ ଗ୍ରାମ ପ୍ରଦାନ କରିଥିଲେ । ନହର ଜାଗିରି ପାଇବା ପରେ ସେହି ପୂର୍ବଜ ନାମିତ ହୋଇଥିଲେ ରାଜ କୌଲ ନହର ଭାବେ । ପରେ ସେମାନଙ୍କର ମୂଳ ସାଙ୍ଗିଆ ଲୋପ ପାଇବା ସହ ନହର ଅପଭ୍ରଂଶ ହୋଇ ପରିଣତ ହୋଇଥିଲା । ନେହରୁରେ । ନେହରୁଙ୍କ ଜେଜେବାପା ଗଙ୍ଗାଧର ଦିଲ୍ଲୀରେ ବ୍ରିଟିସ ପୁଲିସ୍ ବିଭାଗୀୟ ଉଚ୍ଚପଦାଧିକାରୀ ଥିଲେ । ସିପାହୀ ବିଦ୍ରୋହ ସମୟରେ ତାଙ୍କ ପରିବାର ଦିଲ୍ଲୀ ପରିତ୍ୟାଗ କରି ପ୍ରଥମେ ଆଗ୍ରା ଏବଂ ତା'ପରେ ଚାଲିଆସିଥିଲେ ଆହ୍ଲାବାଦ । ନେହରୁଙ୍କ ପିତା ମୋତୀଲାଲଙ୍କ ଜନ୍ମ ଆହ୍ଲାବାଦରେ ହୋଇଥିଲା । ନେହରୁଙ୍କ ଶୈଶବର ମୁଖ୍ୟ ଭାଗ ଏହ୍ଲାବାଦ ହିଁ କଟିଥିଲା ଆନନ୍ଦ ଭବନ ପ୍ରାସାଦରେ । ପିତା ଥିଲେ ପ୍ରତିଷ୍ଠିତ ଓକିଲ । ଅର୍ଥ ଓ ପ୍ରତିପତ୍ତି ଉଭୟ ଥିଲା । ନେହରୁଙ୍କ ପିଲା ଦିନ କଟିଥିଲା ଚାକ-ଚକ୍ୟ, ବିଳାସ-ବ୍ୟସନ ମଧ୍ୟରେ । ତାଙ୍କର ବାଲ୍ୟଶିକ୍ଷା ବିଦ୍ୟାଳୟ ଶିକ୍ଷା ପର୍ଯ୍ୟାପ୍ତ ନୁହେଁ ବୋଲି ମୋତୀଲାଲ ମନେକରୁଥିଲେ । ପୁଅକୁ ପଢ଼ାଇବା ପାଇଁ ଏକାଧିକ ଦେଶୀ-ବିଦେଶୀ ଘରୋଇ ଶିକ୍ଷକ ନିଯୁକ୍ତି କରିଥିଲେ । ସେମାନଙ୍କ ଭିତରେ ଥିଲେ ୟୁରୋପୀୟ ଶିକ୍ଷକ ଟି ବ୍ରୁକ୍ସ, ଯାହାଙ୍କ ଦ୍ୱାରା ନେହରୁ ସର୍ବାଧିକ ପ୍ରଭାବିତ ହୋଇଥିଲେ । ବ୍ରୁକ୍ସଙ୍କ ପ୍ରଚେଷ୍ଟାରେ ସେ ଦର୍ଶନ, ବିଜ୍ଞାନ, ସାହିତ୍ୟ ଓ ଇତିହାସ ପଠନରେ ମନଦେଇଥିଲେ । ଏହା ଦ୍ୱାରା ତାଙ୍କ ଜୀବନଧାରା ମାର୍ଜିତ ହୋଇପାରିଥିଲା । ପରେ ସେ ଲଣ୍ଡନର ହାରୋ ବିଦ୍ୟାଳୟ ଓ କ୍ୟାମ୍ବ୍ରିଜ୍‌ର ଟ୍ରିନିଟି ମହାବିଦ୍ୟାଳୟରେ ପଢ଼ିଥିଲେ । ମହାବିଦ୍ୟାଳୟ ଶିକ୍ଷା ସମାପ୍ତ ହେବା ପରେ ଲଣ୍ଡନରେ ଆଇନ ମଧ୍ୟ ପାଠ କରିଥିଲେ । ପ୍ରଥମେ ଆଇନକୁ ପେସା କରିବା ନିମନ୍ତେ ନିଷ୍ପତ୍ତି ନେଇଥିଲେ ହେଁ ପରେ ସେଥିରୁ ଓହରି ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ଜାତିର ପିତା ମହାତ୍ମା ଗାନ୍ଧୀଙ୍କର ଅନ୍ୟତମ ପ୍ରିୟ ଶିଷ୍ୟ ଥିଲେ ସେ । ଗାନ୍ଧୀଙ୍କ ଇଛା କ୍ରମେ ତାଙ୍କୁ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଦ ମିଳିଥିଲା । ଆଉ ସେ ଭାରତୀୟଙ୍କୁ ହତାଶ କରି ନଥିଲେ । ତାଙ୍କ ଉଦ୍ୟମରେ ସ୍ୱାଧୀନତାର ତିନିବର୍ଷ ମଧ୍ୟରେ ଭାରତ ଏକ ଗଣତନ୍ତ୍ରରେ ପରିଣତ ହୋଇଥିଲା । ଭାରତୀୟମାନେ ପାଇଥିଲେ ଏକ ବଳିଷ୍ଠ ସମ୍ବିଧାନ; ଯାହା ଯୋଗୁଁ ଆମେ ସଗର୍ବେ ସ୍ୱାଧୀନ ମତ ପୋଷଣ କରିପାରୁଛେ । କୃଷି ଓ ଶିଳ୍ପ ଉଭୟ ବିକାଶକୁ ସେ ପ୍ରାଥମିକତା ପ୍ରଦାନ କରିଥିଲେ । ପୁଣି ରାଷ୍ଟ୍ରକୁ ଶକ୍ତିଶାଳୀ କରିବା ନିମନ୍ତେ ଆଣବିକ କାର୍ଯ୍ୟକ୍ରମ ମାନ ଆରମ୍ଭ କରିଥିଲେ । ତାଙ୍କ ବୈଦେଶିକ ନୀତି ମଧ୍ୟ ଆଖିଦୃଶିଆ ଥିଲା । ଏକ ସଙ୍ଗେ ଦୁଇ ପରସ୍ପର ବିରୋଧୀ ମହାଶକ୍ତି ରସିଆ ଓ ଆମେରିକା ସହ ବନ୍ଧୁତା ସ୍ଥାପନ ହୋଇଥିଲା । ତତ୍‌କାଳୀନ ଶୀତଳ ଯୁଦ୍ଧ ଠାରୁ ଦୂରେଇ ନେହରୁ ଏକ ନିରପେକ୍ଷ ବିଶ୍ୱ ଶକ୍ତିର କଳ୍ପନା କରିଥିଲେ ଏବଂ ଜନ୍ମ ନେଇଥିଲେ ଗୋଷ୍ଠୀ ନିରପେକ୍ଷ ଆନ୍ଦୋଳନ ନାମ୍ । ସେ ଥିଲେ ବିଚକ୍ଷଣ ଶାନ୍ତିକାମୀ ରାଜୀନତିଜ୍ଞ ।

ବିଶ୍ୱର ଅନେକ ରାଷ୍ଟ୍ରରେ ବର୍ଷର ଭିନ୍ନ ଭିନ୍ନ ଦିନରେ ଶିଶୁ ଦିବସ ପାଳନ କରାଯାଏ । ୨୩ ଏପ୍ରିଲ ୧୯୨୦ରେ ତୁର୍କିରୁ ପ୍ରଥମ ଥର ପାଇଁ ଶିଶୁ ଦିବସ ପାଳନ ଆରମ୍ଭ ହୋଇଥିଲା । ତାହା ଦେଖି ଅନେକ ରାଷ୍ଟ୍ର ଶିଶୁ ଦିବସ ପାଳନ କରିବା ନିମନ୍ତେ ଆଗ୍ରହୀ ହୋଇ ଦିନ ସ୍ଥିର କରିଥିଲେ । ପ୍ରତି ବର୍ଷ ଜୁନ୍ ୧ ତାରିଖରେ ପାଳନ କରାଯାଏ ଅନ୍ତର୍ଜାତୀୟ ଶିଶୁ ଦିବସ । ସେହିପରି ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଏ ନଭେମ୍ବର ୨୦ରେ । ଭାରତ ବର୍ଷରେ ୧୪ ନଭେମ୍ବରରେ ଶିଶୁ ଦିବସ ପାଳନ କରାଯାଉଛି । ୧୮୮୯ ନଭେମ୍ବର ଏହି ଦିନରେ ଏହ୍ଲାବାଦରେ ଜନ୍ମ ଗ୍ରହଣ କରିଥିଲେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହାରଲାଲ ନେହରୁ । ସେ ପିଲାମାନଙ୍କୁ ଭଲ ପାଉଥିଲେ । ପିଲାଙ୍କ ଗହଣରେ ରହିବାକୁ, ସମୟ ବିତାଇବାକୁ ପସନ୍ଦ କରୁଥିଲେ । ଅବସର ସମୟରେ ପିଲାଙ୍କ ସହ ଖେଳୁଥିଲେ, ଗୀତ ଗାଉଥିଲେ ଏବଂ ସେମାନଙ୍କୁ ଗପ ଶୁଣାଉଥିଲେ । ପିଲାମାନେ ଶ୍ରଦ୍ଧାରେ ତାଙ୍କୁ ଡାକୁଥିଲେ ଚାଚା ନେହରୁ । ସେ ସର୍ବଦା କହୁଥିଲେ ଭାରତର ଭବିଷ୍ୟତ ଆଜିର ପିଲାଙ୍କ ହାତରେ । ୧୯୬୪ରେ ଏହି ଗାନ୍ଧୀବାଦୀ, ଶାନ୍ତିକାମୀ ରାଷ୍ଟ୍ରନାୟକଙ୍କ ମୃତ୍ୟୁ ପରଠାରୁ ପ୍ରତି ବର୍ଷ ତାଙ୍କ ଜନ୍ମ ଦିବସକୁ ଶିଶୁ ଦିବସ ଭାବେ ପାଳନ କରାଯାଉଛି । ଆଜି ଶିଶୁ ଦିବସ ଅବସରରେ ଏ ଦୁନିଆର କୋଟି କୋଟି ଶିଶୁଙ୍କ ସର୍ବମଙ୍ଗଳ ହେଉ ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟର ପ୍ରଗତି ହେଉ, ସେମାନଙ୍କର ସର୍ବାନ୍ତକରଣ ଖୁସି ସେମାନଙ୍କ ଜୀବନକୁ ଆହୁରି ଆନନ୍ଦମୟ କରି ଏହା ହିଁ କାମନା ।

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,*
*ଦୂରଭାଷ : ୯୯୩୭୧୭୨୮୧୦*

# ଲିଭର୍ ଲ୍ୟାବରେ ମଧୁମେହ ନିଆଁ

ଆଜି ୱାର୍ଲଡ୍ ଡାଇବେଟିସ୍ ଡେ' ବା ବିଶ୍ୱ ମଧୁମେହ ଦିବସ । ପ୍ରତିବର୍ଷ ନଭେମ୍ବର ୧୪ ତାରିଖକୁ ସମଗ୍ର ବିଶ୍ୱରେ ମଧୁମେହ ଦିବସ ଭାବେ ପାଳନ କରାଯାଏ । ଇଣ୍ଟରନ୍ୟାସନାଲ ଡାଇବେଟିସ୍ ଫେଡେରେସନ ଏବଂ ୱାର୍ଲଡ୍ ହେଲ୍‌ଥ ଅର୍ଗାନାଇଜେସନ୍ ଦ୍ୱାରା ଏହି ଦିବସ ୧୯୯୧ରୁ ପାଳନ କରାଯାଉଛି । ଏହି ଦିବସ ପାଳନ କରିବାର ମୁଖ୍ୟ ଲକ୍ଷ୍ୟ ହେଲା ମଧୁମେହ ରୋଗ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା । ଏହି ଘାତକ ରୋଗକୁ କିପରି ପ୍ରତିରୋଧ କରିହେବ ସେ ସମ୍ପର୍କରେ ଆଜିର ଦିନରେ ସଚେତନତା ବାର୍ତ୍ତା ପ୍ରଚାର କରାଯାଏ । ଚଳିତବର୍ଷ ବିଶ୍ୱ ମଧୁମେହ ଦିବସର ବାର୍ତ୍ତା ହେଉଛି ମଧୁମେହ ବିଷୟରେ ଜାଣିବା ଏବଂ ପ୍ରତିରୋଧ କରିବା । ମଧୁମେହ ରୋଗ ସହିତ ଲିଭର ଓତଃପ୍ରୋତ ଭାବେ ଜଡ଼ିତ । ଲିଭର ଏକ ବିରାଟ ଲେବୋରେଟରି ବା ରସାୟନାଗାର । ଏହା ଶରୀରର ଏକ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ । ଏହା ଶରୀରର ସବୁଠାରୁ ବଡ଼ଗ୍ରନ୍ଥି । ପେଟର ମଧ୍ୟ ଭାଗର ଡାହାଣପଟକୁ ମଧ୍ୟଛଦାର ଠିକ୍ ତଳକୁ ଯକୃତ ରହିଥାଏ । ପିଞ୍ଜରାହାଡ ଭିତରେ ଏହା ସୁରକ୍ଷିତ ଅବସ୍ଥାରେ ଥିବାବେଳେ ଏହାକୁ ଶରୀରର ବିଜ୍ଞାନଗାର କହିଲେ ଅତ୍ୟୁକ୍ତି ହେବନାହିଁ । ଏକ ସମୟରେ ଏହା ବହୁତ ରାସାୟନିକ କାର୍ଯ୍ୟ କରିଥାଏ । ଶରୀରରେ ନଷ୍ଟ ହେଉଥିବା ଲୋହିତ ରକ୍ତକଣିକାରୁ ହିମୋଗ୍ଲୋବିନ୍ ବାହାର କରି ତାକୁ ଭାଙ୍ଗି ପୁଣି ନୂଆ ହିମୋଗ୍ଲୋବିନ୍ ସୃଷ୍ଟି କରିବାରେ ଯକୃତ ଏକ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ରକ୍ତ ଜମାଟ ବାନ୍ଧିବା ପାଇଁ ଯେଉଁ ଉପାଦାନ ଆବଶ୍ୟକ ପଡ଼େ ଯଥା ପ୍ରୋଥ୍ରୋମ୍ବିନ୍ ଓ ଫିବ୍ରିନୋଜେନ୍ ତାହା ଯକୃତ ଲେବୋରେଟରିରେ ହିଁ ତିଆରି ହୁଏ । ପିତ୍ତ କ୍ଷରଣ ହେଉଛି ଯକୃତର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଖାଦ୍ୟ ପାକସ୍ଥଳୀରୁ ଗ୍ରହଣି ମଧ୍ୟକୁ ପ୍ରବେଶ କରିବା ସମୟରେ ପିତ୍ତନଳୀରୁ ପିତ୍ତ ଆସି ଖାଦ୍ୟ ସହିତ ମିଶି ପାଚନ କ୍ରିୟାରେ ସାହାଯ୍ୟ କରେ । ରକ୍ତରେ ଶର୍କରା ପରିମାଣ ଅଧିକ ହେଲେ ଯକୃତ ଏହାକୁ ଗ୍ଲାଇକୋଜେନ୍‌ରେ ପରିଣତ କରି ନିଜ ଭିତରେ ସଞ୍ଚୟ କରି ରଖେ । ଉପବାସ ସମୟରେ ରକ୍ତରୁ ଗ୍ଲୁକୋଜର ପରିମାଣ କମିଗଲେ ଲିଭର ଗ୍ଲାଇକୋଜେନ୍‌କୁ ଗ୍ଲୁକୋଜରେ ପରିଣତ କରି ଶର୍କରାର ଭାରସାମ୍ୟ ରକ୍ଷା କରେ । ଏହି ବ୍ୟସ୍ତବହୁଳତା ମଧ୍ୟରେ ଯକୃତ ତାର କର୍ମ କରୁଥିବା ସମୟରେ ଶରୀର ମଧୁମେହ ରୋଗ ଦ୍ୱାରା ଆକ୍ରାନ୍ତ ହେଲେ ଯକୃତର ସମସ୍ୟା ବଢ଼ିଯାଏ । ମଧୁମେହ ଓ ଯକୃତ ପରସ୍ପର ନିର୍ଭରଶୀଳ । ମଧୁମେହ ରୋଗ ହେଲେ ଯକୃତ ଖରାପ ହୁଏ ଓ ଯକୃତ ଖରାପ ହେଲେ ମଧ୍ୟ ଶରୀର ମଧୁମେହ ରୋଗ ଦ୍ୱାରା ଆକ୍ରାନ୍ତ ହୁଏ । ଏହା ବାଦ ଦେଇ ଅନ୍ୟ କେତେକ ରୋଗରେ ଉଭୟ ଲିଭର ଓ ଅଗ୍ନ୍ୟାଶୟ ଏକା ସହିତ ଆକ୍ରାନ୍ତ ହୁଅନ୍ତି । ମଧୁମେହ ରୋଗରେ ଆକ୍ରାନ୍ତ ହେଲେ ୪୦-୭୦% କ୍ଷେତ୍ରରେ ଯକୃତରେ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଚର୍ବି ଜମିଯାଏ । ଏହାକୁ ଫ୍ୟାଟିଲିଭର କୁହନ୍ତି । ଅତ୍ୟଧିକ ଚର୍ବି ଜମିଲେ ଯକୃତ କୋଷରେ ଏକ ପ୍ରକାର ପ୍ରଦାହ ସୃଷ୍ଟି ହୋଇ ରକ୍ତରେ ଲିଭର ପାଚକ ରସର ମାତ୍ରା ବୃଦ୍ଧିପ୍ରାପ୍ତ ହୁଏ । ଏହାକୁ ନାସ୍ ବା ଷ୍ଟିଆଟୋ ହେପାଟାଇଟିସ୍ କୁହାଯାଏ । ଧୀରେ ଧୀରେ ଚର୍ବି ଜମିଲେ ଲିଭର କୋଷର କ୍ଷତ ସୃଷ୍ଟି ହୋଇ ସଂଯୋଜକ ତନ୍ତୁରେ ମୋଟା ଦାଗ ଜମିଯାଏ । ଏହା ଯକୃତର କାର୍ଯ୍ୟ କ୍ଷମତାକୁ କମାଇ ଦିଏ ଓ ସୂତ୍ରତନ୍ତୁମୟତା ଯୋଗୁଁ ଯକୃତ ସଙ୍କୁଚିତ ହୋଇ ଉପରିଭାଗରେ ଛୋଟ ଛୋଟ ଫୁଲା ବା ଗ୍ରନ୍ଥିକା ହୋଇ ଧୀରେ ଧୀରେ ସିରୋସିସ୍ ବା ଜଳଉଦରୀ ରୋଗର ସୃଷ୍ଟି ହୁଏ । ମଧୁମେହ ରୋଗରେ ଯକୃତ କ୍ୟାନସରର ସଂଖ୍ୟା ମଧ୍ୟ ଅଧିକ । ମଧୁମେହରେ ଲିଭରର ପିତ୍ତ କୋଷରେ ପଥର ସୃଷ୍ଟି ହୁଏ । ମଧୁମେହ ରୋଗରେ ବ୍ୟବହୃତ ଔଷଧର ପାର୍ଶ୍ୱପ୍ରତିକ୍ରିୟା ଯୋଗୁଁ ବେଳେ ବେଳେ ଜଣ୍ଡିସ୍ ହୁଏ । ମଧୁମେହରେ ଜଣ୍ଡିସ ବା ହେପାଟାଇଟିସ୍ ହେଲେ ସେଥିରେ ଜଣ୍ଡିସ୍‌ର ମାତ୍ରା ଅତ୍ୟଧିକ ଭାବରେ ବଢ଼ିଯାଏ ଓ ବେଳେବେଳେ ପେଟରେ ପାଣି ଜମିଯାଏ । ବେଳେବେଳେ ରୋଗୀମାନେ ସେଥିରେ ମୃତ୍ୟୁବରଣ କରନ୍ତି । ମଦ୍ୟପାନ ଓ ହେପାଟାଇଟିସ୍ 'ବି', 'ସି'କୁ ବାଦ ଦେଲେ ମଧୁମେହ ରୋଗ ହେଉଛି ଲିଭର ସିରୋସିସ୍ ବା ଜଳଉଦରୀ ବ୍ୟାଧିର ମୁଖ୍ୟ କାରଣ । ମଧୁମେହ ବା ହେପାଟାଇଟିସ୍ 'ବି' ଓ 'ସି' ଭୂତାଣୁ ବେଳେ ବେଳେ ମିଶି ଯକୃତକୁ ଆକ୍ରମଣ କରନ୍ତି । ଲିଭର ଓ ଅଗ୍ନ୍ୟାଶୟ ଏକା ସହିତ ଖରାପ ହେଲେ ଏହା ସାଂଘାତିକ ଅବସ୍ଥା ସୃଷ୍ଟି କରେ । ଲିଭରରେ ଅତ୍ୟଧିକ ଲୌହକଣିକା ଜମିଗଲେ ଲିଭର ସିରୋସିସ୍ ଓ ଡାଏବେଟିସ୍ ହୁଏ । ଏହାକୁ ବ୍ରୋଞ୍ଜ ଡାଏବେଟିସ ବା ହିମୋକ୍ରୋମାଟୋସିସ୍ କୁହନ୍ତି । ଅଟୋଇମ୍ୟୁନ୍ ଲିଭର ରୋଗରେ ମଧ୍ୟ ଅଗ୍ନ୍ୟାଶୟ ଖରାପ ହୋଇ ଡାଏବେଟିସ୍ ହୁଏ । ଏହାକୁ ଟାଇପ-୧ ଡାଏବେଟିସ ଓ ଅଟୋଇମ୍ୟୁନ୍ ଲିଭର ରୋଗ ବୋଲି କୁହନ୍ତି । ଅଗ୍ନ୍ୟାଶୟ ଓ ଲିଭର ଏକାଠି ଆକ୍ରାନ୍ତ ହେଲେ ଉଭୟ ରୋଗର ଲକ୍ଷଣ ଦେଖାଯାଏ । ଭୋକ ଲାଗେନାହିଁ, ଜଣ୍ଡିସ୍ ହୁଏ, ଆଖି ହଳଦିଆ ଦେଖାଯାଏ, ପେଟରେ ପାଣି ଜମିଯାଏ । ବେଳେବେଳେ ବୃକକ୍ ଖରାପ ହୋଇ ପରିସ୍ରା କମିଯାଏ । ମନୁଷ୍ୟର ଚେତା ମଧ୍ୟ ବୁଡ଼ିଯାଏ । ମଧୁମେହ ରୋଗ ଯୋଗୁଁ ହୃତ୍‌ପିଣ୍ଡ, ଲିଭର, ଫୁସ୍‌ଫୁସ୍, ବୃକକ୍, ରକ୍ତନଳୀ ଓ ସ୍ନାୟୁଗୁଚ୍ଛ ଇତ୍ୟାଦି ଶରୀରର ସମସ୍ତ ଅଙ୍ଗପ୍ରତ୍ୟଙ୍ଗ ଖରାପ ହୋଇଯାଏ । ଏହା ଏକ ଦାରୁଣ ବ୍ୟାଧି ଓ ରୋଗୀ ମୃତ୍ୟୁମୁଖରେ ପଡ଼େ । ପ୍ରଥମ ଅବସ୍ଥାରୁ ଉଭୟ ରୋଗର ଚିକିତ୍ସା ବିଶେଷଜ୍ଞ ଚିକିତ୍ସକ ମାନଙ୍କ ଦ୍ୱାରା କଲେ ଏଥିରେ ରୋଗ ଉପଶମ ହେବାର ଆଶା ରହିଛି । ଇନ୍‌ସୁଲିନ୍ ଓ ବିଭିନ୍ନ ପ୍ରକାର ଲିଭର ଔଷଧ ପ୍ରୟୋଗ କରାଯାଏ । ରୋଗୀ ମାନଙ୍କୁ ଦରକାର ହେଲେ ଆଇସିୟୁରେ ରଖିବାକୁ ପଡ଼େ । ତେଣୁ ଏସବୁ କ୍ଷେତ୍ରରେ ପ୍ରଥମରୁ ସାବଧାନ ହେବାର ବହୁତ ଆବଶ୍ୟକତା ରହିଛି । ନିୟମିତ ଶାରୀରିକ ବ୍ୟାୟାମ ଓ ଯୋଗାସନ କଲେ ମଧୁମେହର ନିଆଁ କମିଯାଏ ଓ ଯକୃତର ମଧ୍ୟ ଉପଶମ ମିଳେ । ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜର ଲିଭର ବିଭାଗରେ ଉପରୋକ୍ତ ଚିକିତ୍ସାର ସମସ୍ତ ସୁବିଧା ରହିଛି ।

*ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ଶିଶୁଙ୍କର ବି ଅଧିକାର ଅଛି

ବିଶ୍ୱର ଅନେକ ରାଷ୍ଟ୍ରରେ ବର୍ଷର ଭିନ୍ନ ଭିନ୍ନ ଦିନରେ ଶିଶୁ ଦିବସ ପାଳନ କରାଯାଏ । ୨୩ ଏପ୍ରିଲ ୧୯୨୦ରେ ତୁର୍କିରୁ ପ୍ରଥମ ଥର ପାଇଁ ଶିଶୁ ଦିବସ ପାଳନ ଆରମ୍ଭ ହୋଇଥିଲା । ତାହା ଦେଖି ଅନେକ ରାଷ୍ଟ୍ର ଶିଶୁ ଦିବସ ପାଳନ କରିବା ନିମନ୍ତେ ଆଗ୍ରହୀ ହୋଇ ଦିନ ସ୍ଥିର କରିଥିଲେ । ପ୍ରତି ବର୍ଷ ଜୁନ୍ ୧ ତାରିଖରେ ପାଳନ କରାଯାଏ ଅନ୍ତର୍ଜାତୀୟ ଶିଶୁ ଦିବସ । ସେହିପରି ସାର୍ବଜନୀନ ଶିଶୁ ଦିବସ ପାଳନ କରାଯାଏ ନଭେମ୍ବର ୨୦ରେ । ଭାରତ ବର୍ଷରେ ୧୪ ନଭେମ୍ବରରେ ଶିଶୁ ଦିବସ ପାଳନ କରାଯାଉଛି । ଅଧିକାଂଶ କ୍ଷେତ୍ରରେ ଖୋଲାଖୋଲି ଭାବରେ ଶିଶୁ ଅଧିକାର ଉଲ୍ଲଘଂନ କରାଯାଉଛି । କମ୍ ବୟସର ପିଲାମାନଙ୍କ ହାତରେ ମଦ, ସିଗାରେଟ ଓ ଅନ୍ୟ ମାଦକ ଦ୍ରବ୍ୟ ପହଞ୍ଚି ଯାଉଛି । ପିଲାଙ୍କୁ ଶାରୀରିକ ଶୋଷଣ ଓ ଅପହରଣ ପରି ଘଟଣା ପ୍ରତିଦିନ ଘଟୁଛି । ଭାରତରେ ୪ଲକ୍ଷ ଶିଶୁ ବାଳଶ୍ରମିକ ଭାବରେ ସଂଗଠିତ କ୍ଷେତ୍ରମାନଙ୍କରେ କାମ କରୁଛନ୍ତି । ଏମାନଙ୍କୁ ସ୍କୁଲ ଯିବାର କିମ୍ବା ବିକାଶର ସୁଯୋଗ ମିଳିନି । ପିଲାମାନଙ୍କୁ ଅଧିକାରକୁ କେହି ଗୁରୁତ୍ୱ ଦିଅନ୍ତି ନାହିଁ । ବରଂ ସମସ୍ତେ ପିଲାଙ୍କ ଉପରେ ନିଜର ଅଧିକାର ସାବ୍ୟସ୍ତ କରନ୍ତି । ରେଳଯାତ୍ରା ଠାରୁ ଆରମ୍ଭ କରି ସ୍କୁଲ ମାନଙ୍କ ଭରଣ-ପୋଷଣ ପ୍ରତ୍ୟେକ ସ୍ଥାନରେ ପିଲାଙ୍କ ଅଧିକାରକୁ ଅଣଦେଖା କରାଯାଏ । ପିଲାମାନଙ୍କର ଅଧିକାର କ'ଣ ଏବଂ କେମିତି ଏହାର ସୁରକ୍ଷା କରାଯିବ ଆସନ୍ତୁ ସେ ସମ୍ପର୍କରେ ଜାଣିବ ।

କ'ଣ ଅଛି ଅଧିକାର : ମିଳିତ ଜାତିସଂଘ ଦ୍ୱାରା ଶିଶୁ ଅଧିକାର ବୁଝାମଣାରେ ସବୁ ସଦସ୍ୟ ଦେଶ ହସ୍ତାକ୍ଷର କରିଛନ୍ତି । ଭାରତ ଏହି ଦେଶଗୁଡ଼ିକ ମଧ୍ୟରେ ସାମିଲ । ଏହା ବ୍ୟତୀତ ଭାରତୀୟ ସମ୍ବିଧାନ ଏବଂ ଟାଇଟ-ଟୁ ଏଜୁକେସନ୍ ପରି ଅଧିକାର ପିଲା ମାନଙ୍କ ହିତ ଓ ଅଧିକାର ରକ୍ଷା ପର୍ଯ୍ୟନ୍ତ ଅନେକ ବ୍ୟବସ୍ଥା ରଖିଛନ୍ତି । ଏହା ଅନୁଯାୟୀ -

- ସବୁ ଶିଶୁଙ୍କ ପାଇଁ ଉନ୍ନତ ଓ ଜରୁରୀ ଚିକିତ୍ସା ସୁବିଧା (ଟୀକା ଆଦି), ବିଶୁଦ୍ଧ ଜଳ, ପୁଷ୍ଟିକର ଖାଦ୍ୟ, ସୁସ୍ଥ ବାତାବରଣ ଆବଶ୍ୟକ । ଏ ସୁବିଧା ଉପଲବ୍ଧ କରାଇବା ସରକାରଙ୍କ ଦାୟିତ୍ୱ ।
- ୧୪ ବର୍ଷ ପର୍ଯ୍ୟନ୍ତ ବୟସର ସବୁ ପିଲାଙ୍କୁ ମାଗଣା ଶିକ୍ଷା ବ୍ୟବସ୍ଥା ।- ସ୍କୁଲରେ ପିଲାମାନଙ୍କ ଶାରୀରିକ ଓ ବୌଦ୍ଧିକ ବିକାଶ କରାଯିବା ସହ ଏପରି କିଛି କରାଯିବ ନାହିଁ ଯେଉଁଥିରେ ସେମାନଙ୍କର ସମ୍ମାନ ନଷ୍ଟ ହେବ ।
- ନିଜ ପରିବାରର ଭାଷା ଓ ଚାଲିଚଳନ ଶିଖିବା ଶିଶୁମାନଙ୍କର ଅଧିକାର । ଯେଉଁ ପରିବାର ନିଜ ପିଲାଙ୍କ ଭରଣପୋଷଣ କରି ନପାରିବେ, ସେମାନଙ୍କୁ ଆର୍ଥିକ ସହାୟତା ଉପଲବ୍ଧ କରାଇବା ସରକାରଙ୍କ ଦାୟିତ୍ୱ ।
- ଶିଶୁ ମାନଙ୍କୁ ଶାରୀରିକ ଶୋଷଣ ଓ ବିପଦଜନକ ଡ୍ରଗ୍‌ସରୁ ଦୂରରେ ରଖିବା ଓ ସେମାନଙ୍କ ସୁରକ୍ଷା ସୁନିଶ୍ଚିତ କରିବା ମାତା-ପିତାଙ୍କ ସହ ସରକାରଙ୍କ ବି ଦୟିତ୍ୱ ।

-ରାଇଟ୍ ଟୁ ଏଜୁକେସନ୍ ଆକ୍ଟ - ୨୦୦୯ ଅନୁଯାୟୀ ଉପଯୁକ୍ତ ରେକର୍ଡ଼ ଅଭାବରୁ କୌଣସି ଶିଶୁର ଆଡ଼ମିଶନ ବନ୍ଦ କରାଯାଇ ପାରିବ ନାହିଁ ।

-ଆଡ଼ମିଶନ ନାମରେ ପିଲାଙ୍କ ପରୀକ୍ଷା ନିଆଯାଇପାରିବ ନାହିଁ ।-ଆଡ଼ମିଶନ ଅବଧି ଶେଷ ହୋଇଯାଇଛି ଦର୍ଶାଇ କୌଣସି ଶିଶୁଙ୍କ ନାମଲେଖା ବନ୍ଦ କରାଯାଇପାରିବ ନାହିଁ ।

-ସବୁ ପ୍ରାଇଭେଟ୍ ସ୍କୁଲ ନିଜର ସମୁଦାୟ ସିଟ୍‌ର ୨୫ ପ୍ରତିଶତ ଆର୍ଥିକ ଦୁର୍ବଳ ଓ ପଛୁଆ ଶ୍ରେଣୀର ପିଲାଙ୍କ ପାଇଁ ରିଜର୍ଭ ରଖିବେ ।



ସୌର ଚନ୍ଦ୍ର ମହାପାତ୍ର

ଏହି ଶ୍ରେଣୀର ଗୋଟିଏ ବି ସିଟ୍ ଖାଲି ରହିବ ନାହିଁ । ଏଥିରେ ପ୍ରଥମେ ଆସିବା ଆଧାରରେ ଆଡ଼ମିଶନ ଦିଆଯିବ ।

-ପିଲାଙ୍କ ସହ ସମ୍ପର୍କିତ କୌଣସି ବିଷୟରେ ନିର୍ଣ୍ଣୟ ନେବା ପୂର୍ବରୁ ସେମାନଙ୍କର ଇଛା ଜାଣିବା ଦରକାର ।

-ଛୋଟ ପିଲା କୌଣସି ଅପରାଧ କଲେ ସେମାନଙ୍କୁ କଠୋର ଦଣ୍ଡ ଦିଆଯାଇପାରିବ ନାହିଁ ।

-କୌଣସି ଶିଶୁ ଅପହୃତ ହେଲେ ତା'ର ସୁରକ୍ଷା ସୁନିଶ୍ଚିତ କରାଇବା ସରକାରଙ୍କ ଦାୟିତ୍ୱ ।

-୧୪ବର୍ଷରୁ କମ୍ ବୟସର କୌଣସି ଶିଶୁକୁ ଫ୍ରାକ୍ଟ୍ରି, ମାଇନ୍ସ ଓ ଅନ୍ୟ କୌଣସି ବିପଜ୍ଜନକ ସେବାରେ ଲଗାଇ ହେବନି ।

ଶିଶୁ ଅଧିକାର ଉଲ୍ଲଘଂନ ହେଉଥିବା ଦେଖିଲେ ପ୍ରଥମେ ସେହି ଅନୁଷ୍ଠାନରେ ଲିଖିତ ବିରୋଧ ଜଣାଇବା ଆବଶ୍ୟକ । ସ୍କୁଲରେ ଅଧିକାର ଉଲ୍ଲଘଂନ ହେଉଥିଲେ ଶିକ୍ଷା ନିର୍ଦ୍ଦେଶକ, ଟ୍ରେନ୍‌ରେ ଟିଟି ଓ ଅନ୍ୟାନ୍ୟ ସ୍ଥାନରେ ସେହି ଅନୁଷ୍ଠାନର ପ୍ରମୁଖଙ୍କୁ ଲିଖିତ ଅଭିଯୋଗ ଜଣାଇ ଦିଆଯିବା ଉଚିତ । ଏହା ବ୍ୟତୀତ ଶିଶୁ ଆୟୋଗଙ୍କ ପାଖରେ ମଧ୍ୟ ଅଭିଯୋଗ କରିହେବ ।

*ବରିଷ୍ଠ ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ, ଦୂରଭାଷ : ୯୪୩୭୦୦୪୪୬୬*
*ସତ୍ୟାଳୟ' ପ୍ଲଟ ନଂ - ୧୦୮୭/ଡ଼ି, ସେକ୍ଟର-୬, କଟକ*

# କମିଶନରେଟ ପୁଲିସର ପାରିବାପଣିଆ ଉପରେ ଗମ୍ଭୀର ପ୍ରଶ୍ନବାଚୀ

ସ୍ୱାଧୀନତାର ୭୬ବର୍ଷ ଅତିକ୍ରାନ୍ତ ହୋଇସାରିଥିଲେ ମଧ୍ୟ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତି । ଅତ୍ୟନ୍ତ ଦୁଃଖ ଓ ବିଡମ୍ବନାର ବିଷୟ ଏହିକି ଅନେକ ଗରିବ ଓ ମଧ୍ୟବିତ୍ତ ନ୍ୟାୟ ପାଇବାରୁ ବଞ୍ଚିତ ହୋଇ ଆତ୍ମହତ୍ୟା କରିବାକୁ ବାଧ୍ୟ ହେଉଛନ୍ତି । ଏଥିପାଇଁ ଆମ ସରକାର ଓ ପୁଲିସ ପ୍ରଶାସନର ଦାୟିତ୍ୱହୀନତା ସମ୍ବେଦନହୀନତା ଏବଂ ଭ୍ରଷ୍ଟବ୍ୟବସ୍ଥା ସମ୍ପୂର୍ଣ ଭାବେ ଉତ୍ତରଦାୟୀ । ଦୀର୍ଘ ୨୦୦ବର୍ଷରୁ ଅଧିକ ସମୟ ପ୍ରଯ୍ୟନ୍ତ ଅହଂକାରୀ ନିଷ୍ଠୁର ଅତ୍ୟାଚାରୀ ଇଂରେଜ ମାନେ ଆମ ଦେଶରେ ଆଧିପତ୍ୟ ବିସ୍ତାର କରିଥିଲେ । ଜାତିର ପିତା ମହାତ୍ମାଗାନ୍ଧୀଙ୍କ ଠାରୁ ଆରମ୍ଭ କରି ଭଗତ ସିଂ ଜୟଗୁରୁ, ଶୁକଦେବ, ସୁବାଷ ବୋଷ,ତାନ୍ତିଆଟୋପେ ରାଣୀଲକ୍ଷ୍ମୀବାଇ ଭଳି ଅନେକ ସ୍ୱାଧୀନତା ସଂଗ୍ରାମୀ ଙ୍କର ତ୍ୟାଗ, ବଳିଦାନ,ଆପ୍ରାଣ ଉଦ୍ୟମ,ମାତୃଭୂମି ପାଇଁ ନିସ୍ୱାର୍ଥ ଭଲପାଇବା ପାଇଁ ଆମ ଦେଶ ଇଂରେଜମାନଙ୍କ ଗୁଲାମୀରୁ ମୁକ୍ତ ହେଇଥିଲା । ଆମ ଦେଶର ସ୍ୱାଧୀନତା ସଂଗ୍ରାମୀଙ୍କର ସ୍ୱପ୍ନ, ଆଶା, ବିଶ୍ୱାସ, ଭରସା ଥିଲା ସ୍ୱାଧୀନତା ପ୍ରାପ୍ତି ପରେ ଗରିବ ଓ ମଧ୍ୟବିତ୍ତ ଅସହାୟ ଜନତା ଯେଉଁମାନେ ଖାଦ୍ୟ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନ୍ୟାୟ ପାଇବାରୁ ବଞ୍ଚିତ ହେଉଛନ୍ତଥି ସଂଘର୍ଷ କରୁଛନ୍ତଥି ସେମାନଙ୍କ ଜୀବନରେ ପରିବର୍ତ୍ତନ ଘଟିବ, ସେମାନଙ୍କୁ ନ୍ୟାୟ ମିଳିବ, ଉନ୍ନତ ଶିକ୍ଷା ସ୍ୱାସ୍ଥ୍ୟ ସେବା ଏବଂ ଉତ୍ତମ ପୃଷ୍ଟିକର ଖାଦ୍ୟ ମିଳିବ । କିନ୍ତୁ ଆଜିବି ଅନେକ ଗରିବ ଓ ମଧ୍ୟବିତ୍ତଙ୍କ ପାଇଁ ଏହା ନଆକାଶ କଇଁଆ ଚିଲିକା ମାଛନ ସଦୃଶ । ଆମ ସରକାର ଜନ୍ମ ରୁ ମୃତ୍ୟୁ ପ୍ରଯ୍ୟନ୍ତ ଅନେକ ଯୋଜନା ପ୍ରଣୟନ କରିଛନ୍ତି । ମାଳ ମାଳ ବିଶ୍ୱସ୍ତରୀୟ ଐତିହାସିକ ଯୋଜନା ଲାଗୁ ପାଇଁ ପ୍ରଶଂସା ଏବଂ ପୁରସ୍କାର ଗୋଟାଉଛନ୍ତି । କିନ୍ତୁ ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ ଏହିକି ସ୍ୱାଧୀନତାର ୭୬ବର୍ଷ ପରେ ମଧ୍ୟ ଗରିବ ମଧ୍ୟବିତ୍ତ ଅସହାୟ ଜନତା ନ୍ୟାୟ ପାଇବା ପାଇଁ ଆଜିବି ସଂଘର୍ଷ କରୁଛନ୍ତି । ନତେଲିଆ ମୁଣ୍ଡରେ ତେଲ ନଏହି ଉକ୍ତି ସତ୍ୟ ପ୍ରମାଣିତ ହେଉଛି । ଆମ ଦେଶର ପୂର୍ବତନ



ଆଶୁତୋଷ ନାୟକ

ଆଇନ ମନ୍ତ୍ରୀ କିରଣ ରିଜୁ ରାଜ୍ୟସଭା ରେ ଦେଇଥିବା ମନ୍ତବ୍ୟ ଅନୁସାରେ ବର୍ତ୍ତମାନ ଆମ ଦେଶ ରେ ପାଖା ପାଖି ୫ କୋଟି ରୁ ଅଧିକ ମାମଲା ବିଭିନ୍ନ କୋର୍ଟ ରେ ବିଚାରାଧୀନ ଅଛି । ଭାରତ ର ସର୍ବୋଚ୍ଚ ଅଦାଲତ ସୁପ୍ରିମକୋର୍ଟ ରେ ୬୯୦୦୦ ରୁ ଅଧିକ ମାମଲା ଏବେବି ବିଚାରାଧୀନ ଅଛି । ଏହା ବ୍ୟତୀତ ଆମ ଦେଶର ୨୫ ଟି ହାଇକୋର୍ଟ ରେ ୫୯ ଲକ୍ଷ ମାମଲା ଏବେବି ବିଚାରଧୀନ ଅଛି । ଏହିସବୁ ମାମଲା ର ତୁରନ୍ତ ବିଚାର ପାଇଁ ଆମ ସରକାର ଙ୍କ ପକ୍ଷରୁ କୌଣସି ଆଖି ଦୃଶିଆ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡ଼ମ୍ବନା ର ବିଷୟ । ଆମ ବ୍ୟବସ୍ଥା ର ତ୍ରୁଟି ପାଇଁ ଲକ୍ଷ ଲକ୍ଷ ଗରିବ ଓ ମଧ୍ୟବିତ୍ତ ସାଧାରଣ ଜନତା ନ୍ୟାୟ ପାଇବା ରୁ ବଞ୍ଚିତ ହେଉଛନ୍ତି । ଦିନକୁ ଦିନ ସାଧାରଣ ଜନତା ଆମ ସରକାର , ପ୍ରଶାସନ ଏବଂ ନ୍ୟାୟ ବ୍ୟବସ୍ଥା ଉପରୁ ଆସ୍ଥା ହରାଉଛନ୍ତି । ରାଜଧାନୀ ଭୁବନେଶ୍ୱର ଏବଂ ବ୍ୟସ୍ତବହୁଳ ସର୍ବପୁରାତନ କଟକ ସହରକୁ ଅପରାଧୀ ଏବଂ ଅସାମାଜିକ ବ୍ୟକ୍ତିଙ୍କ କବଳରୁ ମୁକ୍ତ କରିବା ପାଇଁ ଓଡିଶା ସରକାର ୨୦୦୮ରେ କମିଶନରେଟ ପୁଲିସ କଟକ ଓ ଭୁବନେଶ୍ୱରରେ କାର୍ଯ୍ୟକ୍ରମ ହୋଇଥିଲା । କମିଶନରେଟ ପୁଲିସର ଅଫିସିଆଲ ଲୋଗୋରେ ନଆମେ ଯତ୍ନବାନ -ଆମେ ସାହସୀନ ସ୍‌ଲୋଗାନ ସ୍ଥାନିତ ହୋଇଛି । କିନ୍ତୁ ନେତା, ମନ୍ତ୍ରୀ, ରାଜନୈତିକଦଳର ବ୍ୟକ୍ତିବିଶେଷ ଏବଂ ତାଙ୍କର ଛତ୍ରଛାୟାରେ ଗଢି ଉଠିଥିବା ଅସାମାଜିକ ତତ୍ତ୍ୱ, ଗୁଣ୍ଡା, କ୍ରିମିନାଲ,ଅପରାଧୀ, ଗ୍ୟାଙ୍ଗଷ୍ଟାର ଭଳି ପ୍ରଭାବଶାଳୀ କୋଟିପତି ଯେଉଁମାନେ ବିଭିନ୍ନ ଅପରାଧ ଯେପରି ଧର୍ଷଣ, ଗଣଧର୍ଷଣ, ହତ୍ୟା,ଲୁଣ୍ଠନ, ଦଙ୍ଗା, ଗ୍ୟାଙ୍ଗୱାର,ଡକାୟତି ଭଳି ଜଘନ୍ୟ କାର୍ଯ୍ୟରେ ସଂଶିଷ୍ଟ ସେମାନଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନେବାରେ କମିଶନରେଟ ପୁଲିସ ପଛଘୁଞ୍ଚା ଦେଉଛି । ଏହା ଅତ୍ୟନ୍ତ ଦୁର୍ଭାଗ୍ୟ ଓ ବିଡମ୍ବନାର ବିଷୟ । କେତେକ ଅସାଧୁ ଭ୍ରଷ୍ଟାଚାରୀ ପୋଲିସ ଅଫିସର ମାନଙ୍କ ସହିତ ଅପରାଧୀ ଅସାମାଜିକ ବ୍ୟକ୍ତିଙ୍କ ମଧୁଚନ୍ଦ୍ରିକା ରହିଥିବାର ବାରମ୍ବାର ଅଭିଯୋଗ ହୁଏ ଏବଂ ଅନେକାଂଶରେ ଏହା ସତ୍ୟ ପ୍ରମାଣିତ ହୁଏ । କମିଶନରେଟ ପୁଲିସ ଅଣ୍ଡରରେ ଏବେ କଟକ ଓ ଭୁବନେଶ୍ୱରର ୪୩ଟିପୁଲିସ ଷ୍ଟେସନ କାର୍ଯ୍ୟ କରୁଛି । ଓଡିଶା ସରକାରଙ୍କ ଗୃହ ରାଜ୍ୟମନ୍ତ୍ରୀ ବିଧାନସଭାରେ ଦେଇଥିବା ତଥ୍ୟ ଅନୁସାରେ ୨୦୨୧ରେ ୧,୫୫୪୨୦ଟି ମାମଲା କମିଶନରେଟ ପୁଲିସ ପଞ୍ଜିକୃତ କରିଥିଲା ଏବଂ ୨୦୨୨ରେ ଏହା ରେକର୍ଡ ସ୍ତର ରେ ପହଞ୍ଚିଥିଲା ଯାହାକି ୧,୭୮୧୯୦ଟି ମାମଲା । ଏହି ରିପୋର୍ଟ ଅତ୍ୟନ୍ତ ଚିନ୍ତାଜନକ ଥିଲା ।

ଏହିଭଳି ପରିସ୍ଥିତିର ବାରମ୍ବାର ପୁନରାବୃତ୍ତି ଘଟିଲେ ଏହା ଆମ ସ୍ମାର୍ଟ ସିଟି ରାଜଧାନୀ ଭୁବନେଶ୍ୱର ଓ କଟକ ସହର କ୍ରାଇମ୍ କ୍ୟାପିଟାଲରେ ପରିଗଣିତ ହେବ ।ନ୍ୟାସନାଲ କ୍ରାଇମ ରେକର୍ଡ ବ୍ୟୁରର ୨୦୨୧ତଥ୍ୟ ଅନୁସାରେ ଅପରାଧୀ ମାନଙ୍କ ବିରୁଦ୍ଧରେ ଚ୍ରାର୍ଜସିଟ ଫାଇଲ କରିବାରେ ଆମ ରାଜ୍ୟ ଓଡିଶା ଅନ୍ୟ ରାଜ୍ୟ ତୁଳନାରେ ବହୁ ପଛରେ ରହିଛି । ଓଡିଶାର କନଭିକସନ ରେଟ ମାତ୍ର ୧୧.୨% ରହିଛି । ଏହା ଅତ୍ୟନ୍ତ ନୈରାଶ୍ୟଜନକ ଅଟେ । ଓଡିଶା ହାଇକୋର୍ଟଙ୍କ ଅଫିସିଆଲ ଡାଟା ଅନୁସାରେ ୦୯-ସେପ୍ଟେମ୍ବର -୨୩ ସୁଦ୍ଧା ସମୁଦାୟ ୧,୪୫୨୮୧ଟି ମାମଲା ହାଇକୋର୍ଟରେ ବିଚାର ନହୋଇ ଏବେବି ପଡିରହିଛି । ବିଭିନ୍ନ କୋର୍ଟରେ ବିଚାରାଧୀନ ମାମଲା ଆମରାଜ୍ୟ ଓଡିଶାରେ ୯୮.୭% । ୨୦୨୧ରେ ପଞ୍ଜିକୃତ ହୋଇଥିବା ମାମଲା ମଧ୍ୟରୁ ୬,୯୫,୧୯୮ଟି ମାମଲା ଏବେବି ବିଚାର ନହୋଇ ପଡ଼ିରହିଛି । ସେହି ମାମଲା ଗୁଡ଼ିକର ଟ୍ରାଇଲ ଆଜି ପ୍ରଯ୍ୟନ୍ତ ଆରମ୍ଭ ହୋଇନାହିଁ । ଏପରି ଅନେକ ଘଟଣା ଯାହାକି ପୁଲିସର କାର୍ଯ୍ୟଦକ୍ଷତା ଏବଂ ପାରିବାପଣିଆ ଉପରେ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି । ଗତ କିଛି ବର୍ଷ ହେବ ଆମ ସ୍ମାର୍ଟସିଟି ରାଜଧାନୀ ଭୁବନେଶ୍ୱରରେ ଅସାମାଜିକ ବ୍ୟକ୍ତି,ମଦ୍ୟପ, ପେଶାଦାର ଦୂର୍ଦାନ୍ତ ଅପରାଧୀ ଓ ଡକାୟତ ମାନଙ୍କର ଭୂସ୍ୱର୍ଗ ପାଲଟିଛି । ସେମାନେ ଅତ୍ୟନ୍ତ ଚତୁରତାର ସହ ବେପିକର ହୋଇ ଅପରାଧ ଘଟାଇ ଫେରାର ହୋଇଯାଉଛନ୍ତି । ଏପରିକି ରାଜଧାନୀରେ ଏବେ ଅସାମାଜିକ ବ୍ୟକ୍ତିଙ୍କ ପାଦୁଭାବ ଏତେ ମାତ୍ରାରେ ବଢ଼ିଯାଇଛି ସେମାନେ ଏବେ ପୁଲିସ ଅଫିସରମାନଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛଘୁଞ୍ଚା ଦେଉନାହାନ୍ତି । ହକି ବିଶ୍ୱକପ ଅବ୍ୟାହତି ପୂର୍ବରୁ ଘଟିଥିଲା ଏକ ଅଭାବନୀୟ ଘଟଣା । ଭୁବନେଶ୍ୱର ମହିଳା ଥାନାରେ ଥିବା ସବ୍‌ଇନସ୍ପେକ୍ଟର ଶୁଭଶ୍ରୀ ନାୟକ ଡ୍ୟୁଟି ସାରି ଆଚାର୍ଯ୍ୟ ବିହାର ସାଇନ୍ସ ପାର୍କ ପାର୍ଶ୍ୱରେ ଥିବା ରିଜର୍ଭ ଅଫିସ କ୍ୱାଟର୍ସକୁ ଫେରୁଥିଲେ । ସେତେବେଳେ ରାତି ୧:୩୦ ହୋଇଥିଲା । ସେହି ସମୟରେ ଇନୋଭା ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ତାଙ୍କୁ ପିଛା କରିଥିଲେ ଏବଂ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ । ଗାଡିରେ ଥିବା ୩ଜଣ ଅସାମାଜିକ ବ୍ୟକ୍ତି ମଧ୍ୟରୁ ଜଣେ ଖଣ୍ଡା ଧରି ଚ଼ିତ୍କାର କରିଥିଲା । ପ୍ରାଣ ବିକଳରେ ସେହି ମହିଳା ଅଫିସର ସାହାଯ୍ୟ ପାଇଁ ନିଜର ସ୍ୱାମୀ ଓ ଭାଇଙ୍କୁ ଡାକିଥିଲେ । ଏବେ କିଛିଦିନ ପୂର୍ବରୁ ଏୟାରଫିଲଡ ଥାନା ଅଞ୍ଚଳରେ ଗୋଟିଏ ଦିନରେ ୩ଟି ହୃଦୟ ବିଦାରକ ଘଟଣା ପୁଣି ଥରେ କମିଶନରେଟ ପୁଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ଯୌତୁକ ପାଇଁ ଜଣେ ନିରୀହ ବଧୂ ଉପରେ ବର୍ବରତା ଓ ନିଷ୍ଠୁରତାର ସହ ହତ୍ୟା କରାଯାଇଛି । ଆଉ ଜଣେ ଅସାମାଜିକ ବ୍ୟକ୍ତି ୪ବର୍ଷର ଶିଶୁ କନ୍ୟାକୁ ବର୍ବରତାର ସହ ଦୁଷ୍କର୍ମ କରିବା ପରେ ଅତି ଜଘନ୍ୟ ଭାବେ ତଣ୍ଟିକାଟି ହତ୍ୟା କରିଥିଲା । ଏହା ଅତ୍ୟନ୍ତ ହୃଦୟ ବିଦାରକ ଓ ଲୋମହର୍ଷଣକାରୀ ଘଟଣା । ଆଉ ଜଣେ ବ୍ୟକ୍ତି ଯିଏକି ସଦାସର୍ବଦା ନିଶାଦ୍ରବ୍ୟ ସେବନ କରେ, ସେ ନିଜର ପ୍ରେମିକାକୁ ହତ୍ୟା କରି ଝୁଲାଇ ଦେଇଥିଲା । ଗୋଟିଏ ଦିନରେ ଭୁବନେଶ୍ୱର ଏୟାରଫିଲଡ୍ ଅଞ୍ଚଳରେ ତିନିଜଣ ମହିଳାଙ୍କୁ ହତ୍ୟା କମିଶନରେଟ ପୁଲିସର ଦାୟିତ୍ୱହୀନତା ଓ କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନଚିହ୍ନ ଲଗାଇଛି । ତେଣୁ ସମୟ ଆସିଛି ଆମ ସରକାର ଏବଂ ପୁଲିସ ପ୍ରଶାସନ ଅପରାଧୀଙ୍କ ବିରୁଦ୍ଧରେ ଦୃଷ୍ଟାନ୍ତମୂଳକ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ତତ୍ପରତା ଓ ସମ୍ବ?ଦନତା ପ୍ରକାଶ କରନ୍ତୁ । ସମସ୍ତଙ୍କ ମିଳିତ ଉଦ୍ୟମରେ ଏହା ସମ୍ଭବ ହୋଇପାରିବ ଏଥିରେ ସନ୍ଦେହର କୌଣସି ଅବକାଶ ନାହିଁ । ଆମ ଭାରତୀୟ ଆଇନ ବ୍ୟବସ୍ଥାରେ ଏହା ଉଲ୍ଲେଖ ଅଛି ଯେ ଆଇନର ଉର୍ଦ୍ଧରେ କେହି ନୁହଁନ୍ତି । ଅପରାଧୀ ଯେତେବି ଶକ୍ତିଶାଳୀ, ପ୍ରଭାବଶାଳୀ, କ୍ଷମତାର ଅଧିକାରୀ ହୋଇଥିଲେବି ଆଇନି ଅନୁସାରେ ସେ ନିଶ୍ଚିତ ଦଣ୍ଡିତ ହେବେ । କିନ୍ତୁ ବାସ୍ତବରେ ଆମ ସମାଜରେ ଏହାର ବ୍ୟତିକ୍ରମ ପରିଲକ୍ଷିତ ହୁଏ ।ଯାହା ପାଖରେ ଅଜସ୍ର ଅର୍ଥ,କ୍ଷମତା, ପଦପଦବୀ ଥାଏ ସେ ଆଇନକୁ ପ୍ରଭାବିତ କରିପାରେ । ନପଣ୍ଡିତଙ୍କ ପୁଅ ମାଙ୍କଡ଼ ମାରିଲେ ଦୋଷ ନାହିଁ ନ ଏହି ଉକ୍ତି ସତ୍ୟ ପ୍ରମାଣିତ ହୁଏ । ଏବେ ଘଟିଥିବା ରେଞ୍ଜରୋଭର ଦୁର୍ଘଟଣା ମାମଲା ଏହାର ଜ୍ୱଳନ୍ତ ଉଦାହରଣ । କମିଶନରରେଟ ମୁଖ୍ୟାଳୟ ନିକଟ ପାୱାରହାଉସ ଛକରେ ପୂର୍ବତନ ମନ୍ତ୍ରୀ ନବଦାସଙ୍କ ପୁଅ ବିଶାଳ ଦାସଙ୍କ ରେଞ୍ଜରୋଭର ଗାଡି ଧକ୍କାରେ ଜଣେ ନିରୀହ ଯୁବତୀ ଲୋପାମୁଦ୍ରାଙ୍କ ଜୀବନ ପ୍ରଦୀପ ଲିଭିଯାଇଛି ଏବଂ ଆଉ ଜଣେ ଅବସରପ୍ରାପ୍ତ ସିଆଇଏସଫ୍ ଯବାନ ଏବେ ଜୀବନ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି । କିନ୍ତୁ ଅତ୍ୟନ୍ତ ବିଡମ୍ବନାର ବିଷୟ ଏହାକି କମିଶନରେଟ ପୁଲିସ ପ୍ରକୃତ ଦୋଷୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବାରେ ପଛଘୁଞ୍ଚା ଦେଉଛି ।

*ଗୋପାଳପୁର, ବାଲେଶ୍ୱର,,*
*ମୋ -୭୦୨୦୬୧୧୩୦୦*




# ଦେଶରେ ମହିଳା ସଶକ୍ତିକରଣ ପାଇଁ ପ୍ରଧାନମନ୍ତ୍ରୀ ଯୁଗାନ୍ତକାରୀ ପଦକ୍ଷେପ ନେଇଛନ୍ତି: ସମୀର ମହାନ୍ତି

ଭୁବନେଶ୍ୱର,(ପି.ଏନ): ମହାନ କ୍ରାନ୍ତିକାରୀ, ସମାଜ ସୁଧାରକ ଜ୍ୟୋତିବା ଫୁଲେଙ୍କ ଜନ୍ମଜୟନ୍ତୀ ଅବସରରେ ସିନର୍ଜି ଇଷ୍ଟିଚ୍ୟୁଟ ଅଫ ଟେକନୋଲୋଜିଠାରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଛାତ୍ରଛାତ୍ରୀଙ୍କୁ ରାଜ୍ୟ ବିଜେପି ସଭାପତି ସମୀର ମହାନ୍ତି ଭେଟି ଜ୍ୟୋତିବା ଫୁଲେଙ୍କ ଦେଶପ୍ରତି ଅବଦାନ ବିଷୟରେ ଅବଗତ କରାଇଥିଲେ। ଯେତେବେଳେ ଦେଶରେ ନାରୀ ଶିକ୍ଷା ପ୍ରତି ଆଦୌ ଧ୍ୟାନ ଦିଆଯାଉନଥିଲା ସେତେବେଳେ ଜ୍ୟୋତିବା ଫୁଲେ ମହିଳାମାନଙ୍କ ଶିକ୍ଷାକୁ ପ୍ରାଧାନ୍ୟ ଦେଇ ପ୍ରତିକୂଳ ପରିସ୍ଥିତିରେ କାର୍ଯ୍ୟ କରୁଥିଲେ। ଜ୍ୟୋତିବା ଫୁଲେ ତାଙ୍କ ପତ୍ନୀ ସାବିତ୍ରୀବାଇ ଫୁଲେଙ୍କ ସହିତ ମିଶି ପୁନେଠାରେ ମହିଳାମାନଙ୍କ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ନିମନ୍ତେ ବାଳିକା ବିଦ୍ୟାଳୟ ସ୍ଥାପନ କରି ନାରୀ ଶିକ୍ଷା ଶିକ୍ଷାଦ୍ୱାରା ସମାଜର ଅଗ୍ରଗତି ସମ୍ଭବ ବୋଲି ବାର୍ତ୍ତା ଦେଇଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜ୍ୟୋତିବା ଫୁଲେଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ମହିଳାଙ୍କ ପ୍ରତି ବିଭିନ୍ନ ଯୋଜନା ମଧ୍ୟ କରିଛନ୍ତି। ମହିଳାମାନଙ୍କ ପାଇଁ ଶୌଚାଳୟ, ଉଜ୍ଜ୍ୱଳା, ବେଟି ବଚାଓ ବେଟି ପଢ଼ାଓ, ସୁକନ୍ୟା ସମୃଦ୍ଧି ଯୋଜନା, ପୋଷଣ ଅଭିଯାନ ଭଳି ଯୁଗାନ୍ତକାରୀ ପଦକ୍ଷେପମାନ ନେଇ ମହିଳାଙ୍କୁ ସମ୍ମାନ, ସ୍ୱାଭିମାନ ଓ ସଶକ୍ତ କରିବାକୁ ତାଙ୍କ ସରକାରରେ ଅନେକ ଯୋଜନା କରିଥିବାରୁ ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ଦାଶ, ଇଷ୍ଟିଚ୍ୟୁ ନିର୍ଦ୍ଦେଶକ ଚନ୍ଦ୍ରସେନ ଜଗତଦେଓ, ରାଜ୍ୟ ପ୍ରବକ୍ତା ଠାକୁର ରଞ୍ଜିତ ଦାସ, ଯୁବମୋର୍ଚ୍ଚା ରାଷ୍ଟ୍ରୀୟ ଉପାଧକ୍ଷ ଅର୍ପିତା ବଡ଼ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ଲିଜଧାରୀ ନିୟମ ବୈହିର୍ଭୁତ ଭାବେ ବାଲି ଖଦାନ ଚଳାଉଥିବା

ବାଲେଶ୍ୱର,(ପି.ଏନ): ସଦର ବ୍ଲକ ଅନ୍ତର୍ଗତ ନଗ୍ରମ ଗ୍ରାମ ପଞ୍ଚାୟତ ଓ ରେମୁଣା ବ୍ଲକ ଦହପଡ଼ା ଗ୍ରାମ ପଞ୍ଚାୟତର ଫୁଲଡ଼ାର କଷବା, କାଳିପୁର, ଖେଜୁରପୁର, ଦହପଡ଼ା, କଣ୍ଡାକଣ୍ଡା, ଗୟାରାଡା ଓ ଧରମପୁର ଗ୍ରାମର ଗ୍ରାମବାସୀ ମାନେ ଲିଜ ନେଇଥିବା ଅରୁଣାକର ଦାସଙ୍କ ବିରୁଧରେ ଜିଲ୍ଲାପାଳଙ୍କୁ ଏକ ଦାବି ପ୍ରଦାନ କରିଛନ୍ତି। ବାଲି ଉଠାଇବା ନିମନ୍ତେ କୌଣସି ଯାନ୍ତ୍ରିକ ବ୍ୟବସ୍ଥା ନିୟମ ନ ଥିବା ବେଳେ ପ୍ରତିଦିନ ପୋକ୍ଲେନ ମେସିନ ମାଧ୍ୟମରେ ନଦୀ ଗର୍ଭରୁ ବେଆଇନ ଭାବରେ ସହ ସହ ସିୟୁଏମ ବାଲି ଉତ୍ତୋଳନ କରୁଛନ୍ତି। ଏହି ବାଲି ସୌରାତ୍ ଚଳାଇବା ପାଇଁ ସମୁଦାୟ ୩୭ ହଜାର ୪୦୦ ସିୟୁଏମ ବାଲି ଉତ୍ତୋଳନ ପାଇଁ ଅନୁମତି ଅଛି। ୦.୩ ମିଟର ହିସାବରେ ବର୍ଷକୁ ଯେତିକି ବାଲି ଉତ୍ତୋଳନ କରିବା କଥା ପ୍ରତିଦିନ ଏହି ମେସିନ ସାହାଯ୍ୟରେ ବେଆଇନ ଭାବେ ବହୁତ ଅଧିକ ବାଲି ଉତ୍ତୋଳନ କରାଯାଉଛି। ଏହା ଦ୍ୱାରା ସରକାର ଠାରୁ ସୈରାତକୁ ବାର୍ଷିକ ଲକ୍ଷ ଲକ୍ଷ ଟଙ୍କା ରାଜସ୍ୱ ହରାଉଥିବାର ଜଣାପଡୁଛି। ଅଧିକ ବାଲି ଉତ୍ତୋଳନ ଓ ପରିବହନ ଜଣା ପଡିଯିବା ଭୟରେ ତହସିଲ କାର୍ଯ୍ୟାଳୟରୁ ମିଳିଥିବା କେଫର୍ମ ଜାଣିଶୁଣି ଗାଡ଼ିକୁ ଦିଆଯାଉ ନାହିଁ। ଉକ୍ତ ବାଲି ସୈରାତ କୌଣସି ଗୋଟିଏ ମଧ୍ୟ ନିୟମର ସର୍ତ୍ତ ଅନୁସରଣ କରୁ ନାହିଁ ଏବଂ ଏହା ଜାତୀୟ ସବୁଜ ପ୍ରାଧିକରଣ (ଏନଜିଟି) ପାସ ହୋଇଛି କି ନାହିଁ ତାହା ମଧ୍ୟ ସନ୍ଦେହ ସୃଷ୍ଟି ହେଉଛି। ନଦୀ ପଠାରୁ ୪୦ ମିଟର ଛାଡ଼ି ଓ ମାତ୍ର ୦.୩ ମିଟର ଗଭୀର ପର୍ଯ୍ୟନ୍ତ ବାଲି ଉଠାଇବାର ନିୟମ ଥିବା ବେଳେ ଉକ୍ତ ଲିଜ୍ଧାରୀ ଏହାର ସମ୍ପୂର୍ଣ୍ଣ ଓଲଟା ଅର୍ଥାତ ନଦୀ ପଠାକୁ ଖୋଳି ଡମ୍ଫର ସାହାଯ୍ୟରେ ସାରାଦିନ ସହ ଟ୍ରିପ ମାଟି ବିକ୍ରି କରୁଛନ୍ତି। ଫଳରେ ନଦୀ ଗର୍ଭରେ ୫୦ ରୁ ୬୦ ଫୁଟ ପର୍ଯ୍ୟନ୍ତ ଗର୍ତ୍ତ ସୃଷ୍ଟି ହୋଇ କିଛି ଲୋକ ନଦୀରେ ଗାଧୋଇବା ସମୟରେ ପାଣିରେ ବୁଡ଼ିଯାଇ ମୃତ୍ୟୁ ବରଣ କରୁଥିବା ଉଦାହରଣ ମଧ୍ୟ ରହିଛି। ନଦୀ ଜଳଠାରୁ ମାଟି ଖୋଳି ବିକ୍ରି କରିବା ଫଳରେ ବୁଢ଼ାବଳଙ୍ଗ ନଦୀରେ ବନ୍ୟା ଆସିଲେ ନଦୀର ଗତିପଥ ପରିବର୍ତ୍ତନ ହୋଇ ଗ୍ରାମ ଗୁଡ଼ିକ ନଦୀ ଗର୍ଭରେ ଲୀନ ହେବାର ଆଶଙ୍କା ମଧ୍ୟ ସୃଷ୍ଟି ହୋଇଛି। ବର୍ତ୍ତମାନ ଗ୍ରୀଷ୍ମ ସମୟରେ ଗୋରୁ ଗାଇ, ଛେଳି ଇତ୍ୟାଦି ପ୍ରାଣି ମାନେ ପାଣି ପିଇବା ପାଇଁ ନଦୀକୁ ଯିବା ବେଳେ ନଦୀ ପାଣି ଗୋଳିଆ ହୋଇଯାଉଥିବାରୁ ପାଣି ମଧ୍ୟ ପିଇ ପାରୁ ନାହାନ୍ତି। ରାଜ୍ୟ ପରିବେଶ ଓ ପ୍ରଭାବ ମୂଲ୍ୟାୟନ କର୍ତ୍ତୃପକ୍ଷଙ୍କ ଜଣେ ବରିଷ୍ଠ ବୈଜ୍ଞାନିକ, ରାଜ୍ୟ ପ୍ରଦୂଷଣ ବୋର୍ଡ଼ର ବରିଷ୍ଠ ବୈଜ୍ଞାନିକ, ଜିଲ୍ଲାପାଳ କିମ୍ବା ତାଙ୍କ କେହି ପ୍ରତିନିଧି ଓ ଜିଲ୍ଲା ଖଣି ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ସସବା ଦହପଡ଼ା ବାଲି ସୈରାତକୁ ନିରପେକ୍ଷ ତଦନ୍ତ କରି ଯଦି ଆଇନ ବୈହିର୍ଭୁତ କାର୍ଯ୍ୟ କରାଯାଇ ଥାଏ ତାହାହେଲେ ଲିଜ୍ଧାରୀ କରୁଣାକର ଦାସଙ୍କ ଉପରେ ଦିତ କାର୍ଯ୍ୟାନୁଷ୍ଠାନ ନେବାକୁ ଏହି ୨ ଟି ଗ୍ରାମ ପଞ୍ଚାୟତର ଅଧିବାସୀ ମାନେ ଦାବି କରିଛନ୍ତି।

# ପୁରୀ ପାଇଁ ଐତିହାସିକ ଦିନ :ମୁଖ୍ୟମନ୍ତ୍ରୀ

ପୁରୀ/ ନୂଆଦିଲ୍ଲୀ/ଭୁବନେଶ୍ୱର, (ପି.ଏନ): ପୁରୀରେ ଶ୍ରୀଜଗନ୍ନାଥ ମେଡ଼ିକାଲ କଲେଜ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଲୋକାର୍ପିତ ହୋଇଯାଇଛି । ଲୋକାର୍ପଣ ସମାରୋହରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ ଭର୍ଚୁଆଲ ମାଧ୍ୟମରେ ଯୋଡ଼ି ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଏହା ପୁରୀ ପାଇଁ ଐତିହାସିକ ଦିନ। ଶିକ୍ଷକ ଓ ଛାତ୍ରଛାତ୍ରୀଙ୍କ ପ୍ରଚେଷ୍ଟାରେ ପୁରୀବାସୀଙ୍କ ସେବା କରିବାରେ ଏହି ଶିକ୍ଷାନୁଷ୍ଠାନ ନାଁ କରିବ ବୋଲି ମୁଖ୍ୟମନ୍ତ୍ରୀ ଆଶା ବ୍ୟକ୍ତ କରିଥିଲେ। ଅପରପକ୍ଷରେ କେନ୍ଦ୍ରମନ୍ତ୍ରୀ ଶ୍ରୀ ମାଣ୍ଡଭୀୟ ଓଡ଼ିଶାବାସୀଙ୍କୁ ସୁଲଭ ମୂଲ୍ୟରେ ସ୍ୱାସ୍ଥ୍ୟସେବା ଉପଲବ୍ଧ କରିବା ପାଇଁ ଆୟୁଷ୍ମାନ ଯୋଜନା ଲାଗୁ କରିବା ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଅନୁରୋଧ କରିଛନ୍ତି। ଏହି ଯୋଜନା ଲାଗୁ ହେଲେ ଦ୍ୱାରା ଓଡ଼ିଶା ଲୋକମାନେ ଲାଭ ପାଇବେ ଏବଂ ସ୍ୱାସ୍ଥ୍ୟ ବ୍ୟବସ୍ଥା ଭଲ ରହିବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମ ପରେ ଆୟୋଜିତ ସଭାରେ ମୁଖ୍ୟମନ୍ତ୍ରୀ କହିଥିଲେ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ କ୍ଷେତ୍ରରେ ଏକ ଉନ୍ନତମାନର ମେଡିକାଲ କଲେଜ ପ୍ରତିଷ୍ଠା ହୋଇଛି । ଏହାଦ୍ୱାରା ମେଧାବୀ ଛାତ୍ରଛାତ୍ରୀମାନେ ମେଡିକାଲ ପାଠ ପଢିବା ସହିତ ପୁରୀ ଜିଲ୍ଲାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଏକ ନୂଆ ଯୁଗ ଆରମ୍ଭ ହେଲା ।କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କ ସହିତ ଆଲୋଚନା କରି ମୁଖ୍ୟମନ୍ତ୍ରୀ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ଭବିଷ୍ୟତରେ ଭଲ ଡାକ୍ତର ହୋଇ ନିଷ୍ପାପର ଭାବେ ଉତମ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ ସେମାନଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷକ ଓ ଛାତ୍ରଛାତ୍ରୀ ମାନଙ୍କ ଉଦ୍ୟମରେ ଏହି କଲେଜ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନିଜର ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବ ବୋଲି ମୁଖ୍ୟମନ୍ତ୍ରୀ ଆଶାପ୍ରକାଶ କରିଥିଲେ। ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରୁ ପୁରୀର ଶ୍ରୀ ସମ୍ପିତ ନାୟକ, ରାଜସ୍ଥାନର ପ୍ରଗତୀ ମୀନା ଓ ଓଡିଶାର ଶ୍ରୀ ସିଦ୍ଧାର୍ଥ ସାହୁ ପ୍ରମୁଖ ଛାତ୍ରଛାତ୍ରୀ ଏହି ଆଲୋଚନାରେ ଭାଗ ନେଇ ପୁରୀରେ ପଢିବାର ସୁଯୋଗ ପାଇଥିବାରୁ ଖୁସି ପ୍ରକାଶ କରି ଭବିଷ୍ୟତରେ ଚିକିତ୍ସା ସେବା କ୍ଷେତ୍ରରେ ପ୍ରତିଶ୍ରୁତିବଦ୍ଧ ହୋଇ କାମ କରିବେ ବୋଲି କହିଥିଲେ। ପିଲାମାନେ କଲେଜର ଭିତିଭୂମିର ଉଚ୍ଚପ୍ରଶଂସା କରିଥିଲେ। ଛାତ୍ରଛାତ୍ରୀଙ୍କ ସହ ମତ ବିନିମୟ କରିବା ଅବସରରେ ଶ୍ରୀ ମାଣ୍ଡଭୀୟ ଓଡ଼ିଶାରେ ସ୍ୱାସ୍ଥ୍ୟସେବା ସୁଲଭ ଓ ସର୍ବବ୍ୟାପୀ କରିବା ପାଇଁ ମେଡ଼ିକାଲ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଛନ୍ତି । ସେ କହିଛନ୍ତି ଯେ ପୁରୀ ଜଗନ୍ନାଥ ମନ୍ଦିର ଯାଇ ଦର୍ଶନ କରିବା ଓ ମହାପ୍ରସାଦ ସେବନ କରିବା ଆମ ପାଇଁ ଗର୍ବର ବିଷୟ ।ସେହି ପବିତ୍ର ଧାମରେ ରହି ମେଡ଼ିକାଲ ଶିକ୍ଷା ଲାଭ କରିବା ଛାତ୍ରଛାତ୍ରୀଙ୍କ ପାଇଁ ଗର୍ବର ବିଷୟ ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସ୍ୱପ୍ନ ରହିଛି ସ୍ୱାସ୍ଥ୍ୟସେବା ସୁଲଭ ଏବଂ ସର୍ବବ୍ୟାପୀ ହେବା ଦରକାର ।ଏଥିପାଇଁ ଏକ ଡ଼ାକ୍ତର ରୂପରେ ଛାତ୍ରଛାତ୍ରୀଙ୍କୁ ଦୂର, ସୁଦୂର, ଗାଁ ଯେଉଁଠି ବି ଦାୟିତ୍ୱ ମିଳୁଛି, ସେମାନେ ଗରିବଙ୍କ ସେବା କରିବା ପାଇଁ ନିଜକୁ ଉତ୍ସର୍ଗ କରିବା ସହ ଦେଶର ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗଦାନ ରଖନ୍ତୁ ।ମୋଦି ସରକାର ଓ ରାଜ୍ୟ ସରକାର ମିଳିତ ଭାବରେ ରାଜ୍ୟରେ ଅନେକ ମେଡ଼ିକାଲ କଲେଜ ଆରମ୍ଭ କରିଛନ୍ତି ଏବଂ ଆଗାମୀ ଦିନରେ ଅନେକ ମେଡ଼ିକାଲ କଲେଜ କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଓଡ଼ିଶା ସମେତ ଦେଶର ଛାତ୍ରଛାତ୍ରୀମାନେ ଗୁଣାତ୍ମକ ଶିକ୍ଷା ନେଇ ଉତ୍ତମ ଡ଼ାକ୍ତର ହୁଅନ୍ତୁ ଏବଂ ସରକାରୀ ବ୍ୟବସ୍ଥାକୁ ଉପଯୋଗ କରି ରାଜ୍ୟ ଓ ରାଷ୍ଟ୍ର ନିର୍ମାଣରେ ନିଜର ଯୋଗଦାନ ରଖନ୍ତୁ। ସୁନ୍ଦରଗଡ଼ରେ ଏନଟିପିସି ତରଫରୁ ହସ୍ପିଟାଲ ହୋଇଛି । ତାଳଚେରରେ କୋଲ ଇଣ୍ଡିଆ ୧ ହଜାର କୋଟି ଟଙ୍କା ଖର୍ଚ୍ଚ କରି ମେଡ଼ିକାଲ କଲେଜ ନିର୍ମାଣ କରିଛି । ମୋଦି ସରକାରଙ୍କ ସମୟରେ ଓଡ଼ିଶାରେ ସ୍ୱାସ୍ଥ୍ୟ ସୁବିଧା, ମେଡ଼ିକାଲ କଲେଜ ଓ ସିଟ୍ ସଂଖ୍ୟା ବୃଦ୍ଧି ପାଉଛି ।ଏହାର ଲାଭ ଓଡ଼ିଶାକୁ ମିଳିବ ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରୀ ମନସୁଖ ମାଣ୍ଡଭୀୟ କହିଛନ୍ତି ।

ଏହି ଉତ୍ସବରେ ରାଜ୍ୟ ସ୍ୱାସ୍ଥ୍ୟ ମନ୍ତ୍ରୀ ନବ ଦାସ,ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, କ୍ରୀଡ଼ା ମନ୍ତ୍ରୀ ତୁଷାରକାନ୍ତି ବେହେରା , ପୁରୀ ସାଂସଦ ପିନାକୀ ମିଶ୍ର,ଫାଇଭ - ଟି ସଚିବ ଭି.କେ ପାଣ୍ଡିଆନ , ପୂର୍ବତନ ବାଚସ୍ପତି ମହେଶ୍ୱର ମହାନ୍ତି, ରାଜ୍ୟ ଯୋଜନା ବୋର୍ଡ଼ ଉପାଧକ୍ଷ ସଞ୍ଜୟ କୁମାର ଦାସବର୍ମା, ଓ ଜିଲ୍ଲାର ସମସ୍ତ ବିଧାୟକ ପ୍ରମୁଖ ଯୋଗ ଦେଇଥିଲେ । ଏହି କଲେଜରେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ୧୦୦ଟି ଏମବିବିଏସ ଆସନ ରହିଛି । ଏହାଦ୍ୱାରା ର୍ବମାନ ସାରା ରାଜ୍ୟରେ ୮ଟି ସରକାରୀ ମେଡିକାଲ କଲେଜର ସମୁଦାୟ ଏମବିବିଏସ ଆସନ ସଂଖ୍ୟା ୧୨୫୦କୁ ବୃଦ୍ଧି ପାଇଛି ।ମେଡିକାଲ କଲେଜ ସହିତ ୬୫୦ ଆସନ ବିଶିଷ୍ଟ ଏକ ସାତ ମହଲା ବିଶିଷ୍ଟ ଶିକ୍ଷା ହସ୍ପିଟାଲ ନିର୍ମାଣ ପାଇଁ ମଧ୍ୟ କାମ ଚାଲିଛି । ଏହି ଶିକ୍ଷା ହସ୍ପିଟାଲ ଜୁନ ୨୦୨୩ ସୁଦ୍ଧା ଏହା ସଂପୂର୍ଣ୍ଣ ହେବ ବୋଲି ଜଣାଯାଇଛି । ବର୍ତ୍ତମାନ ଏହି କଲେଜ ପାଇଁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଶିକ୍ଷା ହସ୍ପିଟାଲ ଭାବେ କାର୍ଯ୍ୟ କରୁଛି । ପୁରୀକୁ ବହୁ ସଂଖ୍ୟାରେ ପର୍ଯ୍ୟଟକ ଆସୁଥିବାରୁ ଏହ ମେଡିକାଲ କଲେଜ ଓ ହସ୍ପିଟାଲ ଜିଲ୍ଲାର ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ।

# ମିରାଇ ଆସେଟ୍ ମ୍ୟୁଚୁଆଲ୍ ଫଣ୍ଡ ୟୁପିଆଇ ଅଟୋପେ ମ୍ୟାଣ୍ଡେଟ୍ ର ଶୁଭାରମ୍ଭ କରିଛି

ମୁମ୍ବାଇ,(ପି.ଏନ): ଭାରତରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଅନ୍ୟତମ ଫଣ୍ଡ ହାଉସ୍ ମିରାଇ ଆସେଟ୍ ମ୍ୟୁଚୁଆଲ୍ ଫଣ୍ଡ ଆଜି ଏସ୍ଆଇପି ପୀକରଣ ପାଇଁ ୟୁପିଆଇ ଅଟୋପେ ମ୍ୟାଣ୍ଡେଟ୍ ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି ।ମିରାଇ ଆସେଟ୍ ମ୍ୟୁଚୁଆଲ ଫଣ୍ଡ, କେଫିନଟେକ୍ ଏବଂ ବିଲଡେସ୍କ ଦ୍ୱାରା ମିଳିତ ଭାବରେ ବିକଶିତ ଏହି ପ୍ରକାରର ଶିଳ୍ପ ପଦକ୍ଷେପ ଦ୍ୱାରା ମିରାଇ ଆସେଟ୍ ମ୍ୟୁଚୁଆଲ ଫଣ୍ଡର ନିବେଶକମାନେ ୟୁପିଆଇ ଅଟୋପେ ଫିଚର ବ୍ୟବହାର କରି ଏସଆଇପି ନିର୍ଦ୍ଦେଶାବଳୀ ପିକରଣ କରିବାରେ ସାହାଯ୍ୟ କରିବ ଯାହା ସାମଗ୍ରିକ ନିବେଶ ପ୍ରକ୍ରିୟାକୁ ସରଳ କରିଥାଏ ଏବଂ ନିବେଶ ସମୟକୁ ହ୍ରାସ କରିଥାଏ, ଯାହା ଦ୍ୱାରା ନିବେଶକମାନେ ସାମଗ୍ରିକ ନିବେଶ ଅଭିଜ୍ଞତାରେ ଉନ୍ନତି ଲାଭ କରିପାରିବେ ।ୟୁପିଆଇ ଅଟୋପେ ନିବେଶକଙ୍କୁ ସେମାନଙ୍କର ରିକରିଂ ସିଷ୍ଟେମେଟିକ୍ ଇନଭେଷ୍ଟମେ ପ୍ଲାନ୍ (ଏସ୍ଆଇପି) ଦେୟକୁ ସ୍ୱୟଂଚାଳିତ କରିବାକୁ ଅନୁମତି ଦେଇଥାଏ। ଏଥିରେ ଏକ ର୍ନିଦ୍ଦିଷ୍ଟ ତାରିଖରେ ବ୍ୟାଙ୍କ ଆକାଉ ରୁ ଦେୟ କଟାଯାଇଥାଏ। ମିରାଏ ଆସେଟ୍ ମ୍ୟୁଚୁଆଲ ଫଣ୍ଡ ୟୁପିଆଇ ଅଟୋପେ ସୁବିଧା ନିବେଶକଙ୍କ ବ୍ୟାଙ୍କ ଆକାଉ ରୁ ସେମାନଙ୍କ ଇଚ୍ଛିତ ମିରାଇ ଆସେଟ୍ ମ୍ୟୁଚୁଆଲ ଫଣ୍ଡ ସ୍କିମ୍ ରେ ନିବେଶ କରିବା ପାଇଁ ଏକ ଝଟମୁକ୍ତ ମାସିକ କାଟକୁ ସକ୍ଷମ କରିଥାଏ, ଯାହା ନିବେଶ ପ୍ରକ୍ରିୟାକୁ ଅଧିକ ସୁବିଧାଜନକ ଏବଂ ଶୃଙ୍ଖଳିତ କରିଥାଏ। ନିବେଶକମାନେ ବ ର୍ମାନ ୟୁପିଆଇ ଅଟୋପେକୁ ସମର୍ଥନ କରୁଥିବା ସମସ୍ତ ୟୁପିଆଇ ଆପ୍ଲିକେସନ୍ ବ୍ୟବହାର କରି ରିକରିଂ ଇ-ମାଣ୍ଡେଟ୍ ସକ୍ଷମ କରିପାରିବେ ।ମିରାଇ ଆସେଟ୍ ମ୍ୟୁଚୁଆଲ ଫଣ୍ଡର ୟୁପିଆଇ ଅଟୋପେ ସେବା ରିଅଲ ଟାଇମ୍ ଏସଆଇପି ମ୍ୟାଣ୍ଡେଟ୍ ସେଟ୍ ଅପ୍ ଏବଂ ନିବେଶକୁ ସକ୍ଷମ କରିଥାଏ। ଏକ ଦେୟ ପଦ୍ଧତି ଭାବରେ ୟୁପିଆଇର ବ୍ୟାପକତାକୁ ଦୃଷ୍ଟିରେ ରଖି, ଏହି ସେବା ଏକ ବିଶ୍ୱସନୀୟ ଏବଂ ସୁବିଧାଜନକ ଉପାୟରେ ଏକ ବହୁତ ଗ୍ରାହକଙ୍କ ପାଇଁ ଏସଆଇପି ସୁବିଧା ପ୍ରଦାନ କରିଥାଏ ।ନ୍ତମିରାଇ ଆସେଟରେ ଆମର ଅନ୍ୟତମ ପ୍ରମୁଖ ନୀତି ହେଉଛି କ୍ଲାଏ ସ୍ ଫାଷ୍ଟ ଆଭିମୁଖ୍ୟ, ଆମେ ସର୍ବଦା ଆମର ନିବେଶକମାନଙ୍କୁ ଦକ୍ଷ ସମାଧାନ ପ୍ରଦାନ କରିବାରେ ବିଶ୍ୱାସ କରୁଛୁ। ୟୁପିଆଇ ପୂର୍ବରୁ ପେମେ ରେ ବୈପ୍ଲବିକ ପରିବ ର୍ନ ଆଣିସାରିଛି, ୟୁପିଆଇ ଅଟୋପେ ସହିତ ଆମେ ଏକ ନୂତନ ସୁବିଧା ଆରମ୍ଭ କରୁଛୁ ଯାହା ଏସଆଇପିରେ ବୈପ୍ଲବିକ ପରିବ ର୍ନ ଆଣିବାର କ୍ଷମତା ରଖିଛି। ଆମେ ବିଶ୍ୱାସ କରୁଛୁ ଯେ ଏହି ସୁବିଧା ଆମର ନିବେଶକମାନଙ୍କୁ ମ୍ୟାଣ୍ଡେଟ୍ ପୀକରଣ ପାଇଁ ଏକ ପସନ୍ଦର ମୋଡ୍ ଭାବରେ ୟୁପିଆଇ ଅଟୋପେକୁ ଗ୍ରହଣ କରିବାରେ ସାହାଯ୍ୟ କରିବନ୍ତ ବୋଲି ମିରାଇ ଆସେଟ୍ ଇନଭେଷ୍ଟମେ ମ୍ୟାନେଜର୍ସ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ ର ପ୍ରଡକ୍ଟ, ମାର୍କେଟିଂ ଏବଂ କର୍ପୋରେଟ୍ କମ୍ୟୁନିକେସନ୍ ମୁଖ୍ୟ ଶ୍ରୀନିବାସ ଖାନୋଲକର କହିଛନ୍ତି। ମ୍ୟୁଚୁଆଲ ଫଣ୍ଡ ଏସଆଇପି ପାଇଁ ଶିଳ୍ପର ପ୍ରଥମ ୟୁପିଆଇ ଅଟୋପେ ସମାଧାନ ପ୍ରଦାନ କରିବା ପାଇଁ ଆମେ ମିରାଇ ଆସେଟ ମ୍ୟୁଚୁଆଲ ଫଣ୍ଡ ଏବଂକେଫିନଟେକ୍ ସହିତ ଭାଗିଦାରୀ କରିବାକୁ ଉତ୍ସାହିତ। ୟୁପିଆଇ ଅଟୋପେ ନିବେଶକମାନଙ୍କ ପାଇଁସେମାନଙ୍କ ର ଏସ୍ଆଇପି ଦେଖିବା ଏବଂ ପରିଚାଳନା କରିବା ପାଇଁ ଏକ ଅତ୍ୟନ୍ତ ସୁବିଧାଜନକ ବୋଲି ବିଲଡେସ୍କର ସହ-ପ୍ରତିଷ୍ଠାତା କାର୍ଥିକ ଗଣପଥି କହିଛନ୍ତି। କେଫିନଟେକର ଏମଡି ଏବଂ ସିଇଓ ଶ୍ରୀକାନ୍ତ ନାଡେଲା କହିଛନ୍ତି ଯେ ଆମର ଗ୍ରାହକଙ୍କ ସହ ଭାଗିଦାରୀ କରିବା ଏବଂ ଶିଳ୍ପର ଅଭିନବ ସମାଧାନ ସୃଷ୍ଟି କରିବା କେଫିନଟେକର ମୂଳ ଉଦ୍ଦେଶ୍ୟ ଅଟେ। ମିରାଇ ଆସେଟ୍ ମ୍ୟୁଚୁଆଲ ଫଣ୍ଡ ଏବଂ କେଫିନଟେକ୍ ଦେଶର ପ୍ରଥମ 'ମ୍ୟାଣ୍ଡେଟ୍ + ଏସ୍ଆଇପି ପୀକରଣ' ସମାଧାନ ର ଶୁଭାରମ୍ଭ କରିଛନ୍ତି ଯାହା ଉଭୟ ନିବେଶକ ଏବଂ ବିତରକଙ୍କ ପାଇଁ ବ୍ୟବସାୟ କରିବାରେ ସହଜତା ଆଣିବ ବୋଲି ଆମେ ବିଶ୍ୱାସ କରୁଛୁ। ମ୍ୟୁଚୁଆଲ ଫଣ୍ଡ ପ୍ରକ୍ରିୟାରେ ଉତ୍ତତି ଆଣିବା ପାଇଁ ଅତିରିକ୍ତ ସମାଧାନ, ବିଶେଷକରି ଏସଆଇପିକ୍ଷେତ୍ରରେ ଏହା ଅଧିକ ସହାୟକ ହେବ ।ନ୍ତଏନପିସିଆଇ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ବ ର୍ମାନ ସୀମା ଅନୁଯାୟୀ ୟୁପିଆଇ ଅଟୋପେ ବ୍ୟବହାର କରି ୧୫,୦୦୦/- ଟଙ୍କା (ପନ୍ଦର ହଜାର) ପର୍ଯ୍ୟନ୍ତ ମ୍ୟାଣ୍ଡେଟ ସୃଷ୍ଟି କରାଯାଇପାରିବ। ଏଏମଏଫଆଇର ସଦ୍ୟତମ ତଥ୍ୟ ଅନୁଯାୟୀ, (୩୦ ସେପ୍ଟେମ୍ବର ୨୦୨୩) ହାରାହାରି ଏସ୍ଆଇପି ଟିକେଟ୍ ଆକାର ଟ.୨୨୫୦/- (ଇଣ୍ଡଷ୍ଟ୍ରି ବୁକ୍ ଆକାର ମାସିକ ୧୬,୦୪୨ କୋଟି ଟଙ୍କା ଏବଂ ୭.୧୨ କୋଟି ଏସ୍ଆଇପି ଆକାଉ ରହିଛି) ଭାରତରେ ଡିଜିଟାଲ ପେମେ ପ୍ରବେଶ କରୁଥିବାରୁ ମିରାଇ ଆସେଟ୍ ମ୍ୟୁଚୁଆଲ୍ ଫଣ୍ଡ ର ୟୁନିଫାଏଡ୍ ପେମେ ଇ ରଫେସ୍ (ୟୁପିଆଇ ଅଟୋପେ) କାରବାର ପ୍ରତି ମାସରେ ରେକର୍ଡ ସ୍ତର ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି।

# ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର (ପି.ଏନ): ପ୍ରଦେଶ ଛାତ୍ର କଂଗ୍ରେସ ପକ୍ଷରୁ ଏନ୍.ଏସ.ୟୁ. ଆଇ. ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଯାସୀର ନୱାଜଙ୍କ ସଭାପତିତ୍ୱରେ ପତାକା ଉତୋଳନ କାର୍ଯ୍ୟକ୍ରମ ହୋଇଥିଲା। ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ପତାକା ଉତୋଳନ କରିଥିଲେ। ଏହି ପରିପ୍ରେକ୍ଷୀରେ ଶ୍ରୀ ନୱାଜ କହିଥିଲେ ଯେ ପୂର୍ବତନ ପ୍ରଧାନ ମନ୍ତ୍ରୀ ଇନ୍ଦିରା ଗାନ୍ଧୀ ଏନ.ଏସ.ୟୁ.ଆଇ. ୧୯୭୧ ମସିହାରେ ପ୍ରତିଷ୍ଠା କରିଥିଲେ। ଛାତ୍ର କଂଗ୍ରେସର ଲକ୍ଷ୍ୟ ଛାତ୍ର ସମାଜକୁ ସଶକ୍ତ କରିବା। ଦାୟୀତ୍ୱବାନ ନାଗରିକ ଓ ନେତା ମଧ୍ୟ ସୃଷ୍ଟି କରିବା ଛାତ୍ର କଂଗ୍ରେସର କାର୍ଯ୍ୟର ଅଂଶ ବିଶେଷ ମାତ୍ର ସେମାନଙ୍କର ଗଣତାନ୍ତ୍ରୀକ, ଧର୍ମ ନିରପେକ୍ଷତା, ସମାନତା ଏବଂ ସୁଗୁଣ ରହିଥିବା ଦରକାର। ଶ୍ରୀ ନୱାଜ କହିଲେ ଓଡ଼ିଶାର ଛାତ୍ର କଂଗ୍ରେସ ଉଭୟ ନବୀନ ସରକାର ଓ ମୋଦୀ ସରକାରର ଭ୍ରଷ୍ଟାଚାର ବିରୋଧରେ ସଂଗ୍ରାମ କରୁଛି। ଚାକିରୀ ବିକିରୀର ପ୍ରତିବାଦ କରିଛି। ନାରୀ ନିର୍ଯ୍ୟାତନା ଓ ହତ୍ୟା, ଦରଦାମ ବୃଦ୍ଧି ପ୍ରସଙ୍ଗରେ ଉଭୟ ସରକାରକୁ ଜୋରଦାର ଘେରିଛି। ଆଜିର ଏହି କାର୍ଯ୍ୟକ୍ରମରେ ଲିଙ୍ଗରାଜ ସାହୁ, ମିହିର ଆଚାର୍ଯ୍ୟ, ରଞ୍ଜିତ ପାତ୍ର, ନିହାର ରଂଜନ ବେହେରା, ନଳିନୀକାନ୍ତ ନାୟକ, କାର୍ତିକେଶ୍ୱର କାଣ୍ଡି, ଅଖିଳେଷ ଯାଦବ, ବିଶ୍ୱଭୂଷଣ ମହାପାତ୍ର, ଏମଡି ସମ୍ୟୁଇଲ, ଭାଗ୍ୟଶ୍ରୀ ମହାନ୍ତି, ଜଗଦିଶ ଗଜେନ୍ଦ୍ର, ଅହମ୍ମଦ ଖାନ, ଏସ୍କେ ସାହାରୁଖ, ନିତେଶ ରଂଜନ ବେହେରା, ନିୟାଜୁଲ ଇସ୍ଲାମ, ଉଦିତ ପ୍ରଧାନ, ଜିତେନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଭୋଳ, କୁମାର ସୌରଭ, ତୋଫାନ ସେଠୀ, ଅରସଦ ଅନସାରୀ, ମିର ରିୟାଜୁଦିନ, ଆରିୟାନ ଦାସ, ଆଶିଷ ଦାସ, ଶୁଭକାନ୍ତ ବେହେରା, ରୋସନ କୁମାର କିରଣ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

## ପଳାଶୁଣିରେ ହେବ ଫୁଟ୍ ଓଭରବ୍ରିଜ୍ , ଜାଗା ଦେଖିଲେ ସାଂସଦ ଅପରାଜିତା ଷଡଙ୍ଗୀ

ଭୁବନେଶ୍ୱର ,(ପି.ଏନ): ରାଜଧାନୀର ଦୁର୍ଘଟଣା ପ୍ରବଣ ସ୍ଥାନ ପଳାଶୁଣିରେ ନିର୍ମାଣ ହେବ ଫୁଟ୍ ଓଭରବ୍ରିଜ୍। ୧୬ ନମ୍ବର ଜାତୀୟ ରାଜପଥର ପଳାଶୁଣିଠାରେ ଫୁଟ୍ ଓଭରବ୍ରିଜ୍ ନିର୍ମାଣ ନେଇ ଭୁବନେଶ୍ୱରର ସାଂସଦ ଅପରାଜିତା ଷଡଙ୍ଗୀ ଟୁଇଟ୍ କରି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀମତୀ ଷଡଙ୍ଗୀ ମଙ୍ଗଳବାର ଦିନ ଏଥିପାଇଁ ଜାଗା ପରିଦର୍ଶନ କରିଛନ୍ତି । ଏହାସହିତ ସାଂସଦ ଶ୍ରୀମତୀ ଷଡ଼ଙ୍ଗୀ ଜାତୀୟ ରାଜପଥ ପ୍ରାଧିକରଣ (ଏନଏଚଏଆଇ) ର ଅଧିକାରୀଙ୍କ ସହିତ ଆଲୋଚନା କରିଛନ୍ତି ।

# ଡିଏସ୍ପି ଏମଏଫ ଉନ୍ମୋଚନ କଲା 'ଭିଜନ ୨୦/୨୦'

ଭୁବନେଶ୍ୱର (ପିଏନ): ବ୍ୟବସାୟର ଭବିଷ୍ୟତ ସମ୍ପର୍କରେ ଦୂରଦୃଷ୍ଟି ପୋଷଣ କରିବାକୁ ଡିଏସ୍ପି ମ୍ୟୁଚୁଆଲ ଫଣ୍ଡ 'ଭିଜନ ୨୦/୨୦' ଶୀର୍ଷକରେ ଏକ ଆକଳନ ବିଚାରାଧାରାକୁ ଉପସ୍ଥାପନ କରୁଛି। ଡାକ୍ତରୀ ଶାସ୍ତ୍ରରେ ୨୦/୨୦ ଦୃଷ୍ଟିଶକ୍ତିର ତୀକ୍ଷ୍ଣ ଅବସ୍ଥା ସମ୍ପର୍କରେ ସୂଚିତ କରୁଛି। ଡିଏସ୍ପି ଏମଏଫ ନିବେଶକ ଅଥବା ସମ୍ଭାବ୍ୟ ନିବେଶକ ବ୍ୟବସାୟ ସଂସ୍ଥାଗୁଡ଼ିକର ଭବିଷ୍ୟତ ସମ୍ପର୍କରେ ଆକଳନ କରିବା ସମୟରେ ତାହାକୁ ଉଚ୍ଚ ଦୃଶ୍ୟମାନ, ମଧ୍ୟମ ଦୃଶ୍ୟମାନ ଏବଂ ନିମ୍ନ ଦୃଶ୍ୟମାନ ବ୍ୟବସାୟ ସଂସ୍ଥା ଭାବରେ ପୃଥକ କରି ତିନିଟି ଲେନ୍ସର ଉପଯୋଗ କରିଛି। ଏହି ଆକଳନରେ କୁହାଯାଇଛି ଯେ ମଧ୍ୟମରୁ ଉଚ୍ଚ ଆୟକାରୀ ବର୍ଗ ଉବେର / ଓଲା ସେବା ବ୍ୟବହାର କରିବା ପରିବର୍ତ୍ତେ ବ୍ୟକ୍ତିଗତ କାର୍ ଅଥବା ଦୁଇଚକିଆ ଗାଡି ଖରିଦ କରିବାକୁ ପସନ୍ଦ କରିବେ। ସମ୍ପ୍ରତି କମ୍ ବ୍ୟୟସାପେକ୍ଷ ଏବଂ ବଜାରରେ ଚାହିଦା ଥିବା ବ୍ୟବହୃତ (ସେକେଣ୍ଡ ହ୍ୟାଣ୍ଡ) ଗାଡିଗୁଡିକର ଚାହିଦା ବୃଦ୍ଧିପାଇଛି। ଅନୁରୂପ ଭାବେ ଏକାଧିକ ସପିଂ ଆପ୍ଲିକେସନ ଜରିଆରେ ଜନସାଧାରଣ ଅନ୍ଲାଇନରେ କିଣାକିଣି କରୁଛନ୍ତି ଏବଂ ଅନ୍ଲାଇନ ସ୍ୱାସ୍ଥ୍ୟଯନ୍ ତଥା ଔଷଧ ଆଦିର ଚାହିଦା ବିପୁଳ ବୃଦ୍ଧି ଘଟିଛି। ଦରିଦ୍ର ଲୋକଙ୍କ ପାଇଁ ସରକାର ଉନ୍ନତ ଜୀବନ ନିର୍ବାହ ପରିବେଶ ଯୋଗାଇବା ଉପରେ ଗୁରୁତ୍ୱ ଦେବା ସମ୍ଭାବନା ଥିବାରୁ ସୁଲଭ ମୂଲ୍ୟ ବାସଗୃହ ନିର୍ମାଣ ମଧ୍ୟ ତ୍ୱରାନ୍ୱିତ ହୋଇପାରେ। ଅନ୍ୟପକ୍ଷରେ ୱାର୍କ ଫ୍ରମ ହୋମ୍ (ଘରେ ରହି ଅଫିସ କାମ କରିବା) ବ୍ୟବସ୍ଥା ଦ୍ୱାରା ଘରଭଡା ବ୍ୟବସାୟ ପ୍ରଭାବିତ ହୋଇପାରେ ଏବଂ ସେହି ସମୟରେ ଇଣ୍ଟରନେଟ୍ କାରବାର ବ୍ୟାପକ ହେବ ଏବଂ ଏହାଦ୍ୱାରା ଦୂରସଂଚାର କମ୍ପାନୀଗୁଡିକ ଫାଇଦା ପାଇବେ। ଏଭଳି ପରିସ୍ଥିତିରେ ପ୍ୟାକେଟରେ ଆସୁଥିବା ପ୍ରସ୍ତୁତ ଖାଦ୍ୟର ଚାହିଦା ବୃଦ୍ଧିପାଇବ। ରପ୍ତାନିଭିତ୍ତିକ ଔଷଧୀୟ କମ୍ପାନୀଗୁଡିକ ମଧ୍ୟ 'ଆତ୍ମନିର୍ଭର ଭାରତ' ବିଷୟରୁ ସୁଯୋଗ ନେବାକୁ ଉତ୍ତମ ସ୍ଥିତିରେ ଅଛନ୍ତି। ହ୍ୟାଣ୍ଡ ସାନିଟାଇଜର, ହ୍ୟାଣ୍ଡ ୱାଶ୍ ଭଳି ସାମଗ୍ରୀର କାରବାର ୧୦ହଜାର ଗୁଣ ବୃଦ୍ଧିପାଇଛି। ଅନ୍ୟପକ୍ଷରେ ସାମାଜିକ ନିରାପତ୍ତା ବ୍ୟବସ୍ଥାର ଅଭାବ ଏବଂ ବ୍ୟୟବହୁଳ ସ୍ୱାସ୍ଥ୍ୟଯନ୍ ସହିତ ଭାରତରେ ସୁରକ୍ଷା ପ୍ରଦାନକାରୀ ପଲିସୀର ଖୁବ କମ୍ କାରବାର ଯୋଗୁଁ ଉଭୟ ସ୍ୱାସ୍ଥ୍ୟ ଓ ଟର୍ମଲାଇଫ ଇନସ୍ୟୁରାନ୍ସ ଚାହିଦା ବୃଦ୍ଧି ପାଇପାରେ। ଏହାକୁ ଡିଏସ୍ପି ଏମଏଫ ଭିଜନ ୧୫/୨୦ ବର୍ଗରେ ସ୍ଥାନିତ କରିଛି। ବେତନ କାଟ ଏବଂ ଚାକିରୀ ଛଟେଇ ଭଳି ଜଟିଳ ସମୟରେ ସାଧାରଣ ଜନତାଙ୍କ ଦ୍ୱାରା ଆଦୃତ ହେଉଥିବା ବ୍ରାଣ୍ଡଗୁଡିକ ପ୍ରିମିୟମ ବ୍ରାଣ୍ଡଗୁଡିକୁ ପଛରେ ପକାଇଦେବା ଆଶା

କରାଯାଉଛି, କାରଣ ଗ୍ରାହକମାନେ ମୂଲ୍ୟପ୍ରତି ସଚେତନ ହୋଇ କିଣାକିଣି କରିବା ଆରମ୍ଭ କରିଛନ୍ତି। ପ୍ରାଥମିକ ସମୟରେ ଅସାଧୁ ମହଜୁଦ କାରଣରୁ ଉପଭୋକ୍ତାଙ୍କ ଦ୍ୱାରା ମୁଖ୍ୟ ଖାଦ୍ୟସାମଗ୍ରୀ ବିପୁଳ ପରିମାଣରେ କିଣାକିଣି କରାଯିବା ପରିଲକ୍ଷିତ ହୋଇଛି ଏବଂ ଏ କ୍ଷେତ୍ରରେ ଦୀର୍ଘସୂତ୍ରୀ ଅଭିବୃଦ୍ଧି ଅପରିବର୍ତ୍ତିତ ରହିବା ମନେ କରାଯାଉଛି। ସ୍ୱାସ୍ଥ୍ୟରକ୍ଷା ଉତ୍ପାଦଗୁଡିକର ସୀମିତ ବ୍ୟବହାର ଏବଂ ଟୁଥପେଷ୍ଟ, ଫେସୱାଶ୍, ସାମ୍ପୁ ଭଳି ଅନ୍ୟ ସ୍ୱାସ୍ଥ୍ୟରକ୍ଷା ବର୍ଗର ଉତ୍ପାଦଗୁଡିକରେ ସେଭଳି ବୃଦ୍ଧି ଲକ୍ଷ୍ୟ କରାଯାଇନାହିଁ। ପ୍ୟାକେଟରେ ଆସୁଥିବା ଖାଦ୍ୟସାମଗ୍ରୀ ଚାହିଦା ଆଶାତୀତ ବୃଦ୍ଧିଘଟିଛି ଏବଂ ନିକଟରେ ଜଣେ ବିସ୍କୁଟ ଉତ୍ପାଦନକାରୀଙ୍କ କହିବା ଅନୁଯାୟୀ ସେମାନେ ଅଶୀବର୍ଷ ମଧ୍ୟରେ ଯେତିକି ବ୍ୟବସାୟ କରିନଥିଲେ ତାହା ଚଳିତ ମାସଗୁଡିକରେ କରିଛନ୍ତି। ତେବେ ଏହି ଧାରା ଜାରି ରହିବ ବୋଲି ଆମେ ମନେକରିପାରିବା ନାହିଁ। ଡିଏସ୍ପି ଏମଏଫର ଭିଜନ ୧୦/୨୦ ବର୍ଗରେ ଏହା ସ୍ଥାନ ପାଇଛି। ସାମ୍ପ୍ରତିକ ସ୍ଥିତିରେ ଲୋକେ ବାହାରେ ଖାଇବା ବନ୍ଦ କରିଦେଇଛନ୍ତି। ମହାମାରୀ ସମୟରେ ଅନ୍ଲାଇନ ସାମଗ୍ରୀ ଯୋଗାଣ ଗୁରୁତର ପ୍ରଭାବିତ ହୋଇଥିଲା ଏବଂ ଏହିସବୁ ରୋଷଶାଳା ବନ୍ଦ ହୋଇଯାଇଥିଲା। ଖୁଚୁରା ବ୍ୟବସାୟ ମଧ୍ୟ ପ୍ରଭାବିତ ହୋଇଥିଲା, ଯଦିଓ ସମ୍ପ୍ରତି ଏଥିରେ ପୁନରୁଦ୍ଧାର ଘଟିବାର କେତେକ ସୂଚନା ମିଳୁଛି। ତେଣୁ ଏହି ଶ୍ରେଣୀଗୁଡିକ ପୂର୍ବ ଅବସ୍ଥାକୁ ଫେରିବା ନିମନ୍ତେ କିଛି ସମୟ ଲାଗିବ ଏବଂ ଉପଭୋକ୍ତାଙ୍କର ବିଶ୍ୱାସ ଫେରାଇ ଆଣିବା ସହିତ ସେମାନଙ୍କ ଆସ୍ଥା ଜିତିବା ଏ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ହେବ। ତତ୍ସହିତ ସମ୍ପ୍ରତି ଚଳଚ୍ଚିତ୍ରଗୁଡିକ ଅନ୍ଲାଇନ ପ୍ଲାଟଫର୍ମରେ ମୁକ୍ତିଲାଭ କରୁଥିବାରୁ ମଲ୍ଟିପ୍ଲେକ୍ସଗୁଡିକ ପ୍ରଭାବିତ ହେବ। ବିମାନରେ ଆବଦ୍ଧ ପରିବେଶ ସହିତ ଯାତ୍ରୀମାନେ ପାଖାପାଖି ବସୁଥିବାରୁ ନିୟମିତ ଯାତ୍ରୀବାହୀ ବିମାନ ଚଳାଚଳ ସ୍ୱାଭାବିକ ହେବାକୁ ଆଉ କିଛିଦିନ ଲାଗିପାରେ। କୋଭିଡ ଓ ଅଣ କୋଭିଡ ଚିକିତ୍ସା ନିମନ୍ତେ ରାଜ୍ୟ ସରକାରମାନେ ମୂଲ୍ୟ ସ୍ଥିର କରୁଥିବାରୁ ହସପିଟାଲଗୁଡିକରେ ଘରୋଇ ନିବେଶ ପ୍ରଭାବିତ ହୋଇପାରେ ବୋଲି କୁହାଯାଇଛି। ବ୍ୟାଙ୍କଗୁଡିକ ମଧ୍ୟ ମୋରାଟୋରିୟମକୁ ନେଇ ଆଗକୁ ବଢିବା ସମ୍ପର୍କରେ ଶିକ୍ଷାଲାଭ କରୁଛନ୍ତି ଏବଂ ଏହାଦ୍ୱାରା କେତେ ପ୍ରତିଶତ ଅର୍ଥ ପୁନର୍ଗଠନ କରାଯିବ, ତାହା ଦେଖିବାକୁ ବାକି ରହିଛି। ଏହା ଭିଜନ ୫/୨୦ରେ ସ୍ଥାନିତ ହୋଇଛି। ଡିଏସ୍ପିର ପୋର୍ଟଫୋଲିଓର ମୁଖ୍ୟଭାଗ ଉଚ୍ଚ ଏବଂ ନିମ୍ନ ଦୃଶ୍ୟମାନ କ୍ଷେତ୍ରରେ ଥିବା କମ୍ପାନୀଗୁଡିକୁ ନେଇ ପ୍ରସ୍ତୁତ। ଡିଏସ୍ପି ଏମଏଫ୍ର ବିଶ୍ୱାସ ଯେ କମ୍ ପରିମାଣର ଋଣ ସହିତ ଅଧିକ ଅର୍ଥ ପ୍ରବାହ ବ୍ୟବସ୍ଥା ସୃଷ୍ଟି ଦୀର୍ଘସୂତ୍ରୀ ଆକାରରେ ଉତ୍ତମ ଭାବେ କାର୍ଯ୍ୟ କରିଥାଏ ଏବଂ ଆମେ ସମ୍ପ୍ରତି ଯାହା ଦେଖୁଛୁ ସଙ୍କଟ ସମୟରେ ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିବେଚିତ ହୁଏ। ମାତ୍ରାଧିକ ଋଣକୁ ନେଇ ଭାରାକ୍ରାନ୍ତ ଅଥବା ସ୍ୱଳ୍ପ ଅର୍ଥ ପ୍ରବାହ ବ୍ୟବସ୍ଥା ଥିବା କମ୍ପାନୀଗୁଡିକ ହୁଏତ ସଫଳତାର ସହିତ ପ୍ରତିଦ୍ୱନ୍ଦ୍ୱିତା କରିବା ନେଇ ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ଗୋଟିଏ କମ୍ପାନୀ ମୂଳଧନକୁ କେତେ ଦକ୍ଷ ଭାବରେ ନିବେଶ କରିପାରୁଛି ଏବଂ ପୁଞ୍ଜି ଦକ୍ଷତାଭିତ୍ତିକ ବ୍ୟବସାୟକୁ ପସନ୍ଦ କରୁଛି, ତାହା ଉପରେ ସମ୍ପତ୍ତି ସୃଷ୍ଟି ନିର୍ଭର କରେ ବୋଲି ଡିଏସ୍ପିର ବିଶ୍ୱାସ। ଏହା ଏକଥା ମଧ୍ୟ କହିଛି ଯେ ସାମ୍ପ୍ରତିକ ପରିବେଶ ଅନିଶ୍ଚିତ ଏବଂ ଅସ୍ଥିର ଅବସ୍ଥାରେ ରହିଛି। ବର୍ତ୍ତମାନ ସମୟରେ ଘଟୁଥିବା ପରିବର୍ତ୍ତନ ଉପଭୋକ୍ତାଙ୍କ ଆଚରଣରେ ପରିବର୍ତ୍ତନ ଆଣିବ। ତେଣୁ ଏହାକୁ ନେଇ ଡିଏସ୍ପି ଏମଏଫ ଉଲ୍ଲସିତ ଥିଲେ ମଧ୍ୟ ଭବିଷ୍ୟତ ପ୍ରତି ସଜାଗ ଦୃଷ୍ଟି ରଖିଛି।

# ମିରାଇ ଆସେଟ୍ ମ୍ୟୁଚୁଆଲ୍ ଫଣ୍ଡ ୟୁପିଆଇ ଅଟୋପେ ମ୍ୟାଣ୍ଡେଟ୍ର ଶୁଭାରମ୍ଭ କରିଛି

ମୁମ୍ବାଇ,(ପି.ଏନ): ଭାରତରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ଅନ୍ୟତମ ଫଣ୍ଡ ହାଉସ୍ ମିରାଇ ଆସେଟ୍ ମ୍ୟୁଚୁଆଲ୍ ଫଣ୍ଡ ଆଜି ଏସ୍ଆଇପି ପୀକରଣ ପାଇଁ ୟୁପିଆଇ ଅଟୋପେ ମ୍ୟାଣ୍ଡେଟ୍ ର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି ।ମିରାଇ ଆସେଟ୍ ମ୍ୟୁଚୁଆଲ ଫଣ୍ଡ, କେଫିନଟେକ୍ ଏବଂ ବିଲଡେସ୍କ ଦ୍ୱାରା ମିଳିତ ଭାବରେ ବିକଶିତ ଏହି ପ୍ରକାରର ଶିଳ୍ପ ପଦକ୍ଷେପ ଦ୍ୱାରା ମିରାଇ ଆସେଟ୍ ମ୍ୟୁଚୁଆଲ ଫଣ୍ଡର ନିବେଶକମାନେ ୟୁପିଆଇ ଅଟୋପେ ଫିଚର ବ୍ୟବହାର କରି ଏସଆଇପି ନିର୍ଦ୍ଦେଶାବଳୀ ପିକରଣ କରିବାରେ ସାହାଯ୍ୟ କରିବ ଯାହା ସାମଗ୍ରିକ ନିବେଶ ପ୍ରକ୍ରିୟାକୁ ସରଳ କରିଥାଏ ଏବଂ ନିବେଶ ସମୟକୁ ହ୍ରାସ କରିଥାଏ, ଯାହା ଦ୍ୱାରା ନିବେଶକମାନେ ସାମଗ୍ରିକ ନିବେଶ ଅଭିଜ୍ଞତାରେ ଉନ୍ନତି ଲାଭ କରିପାରିବେ ।ୟୁପିଆଇ ଅଟୋପେ ନିବେଶକଙ୍କୁ ସେମାନଙ୍କର ରିକରିଂ ସିଷ୍ଟେମେଟିକ୍ ଇନଭେଷ୍ଟମେ ପ୍ଲାନ୍ (ଏସ୍ଆଇପି) ଦେୟକୁ ସ୍ୱୟଂଚାଳିତ କରିବାକୁ ଅନୁମତି ଦେଇଥାଏ। ଏଥିରେ ଏକ ର୍ନିଦ୍ଦିଷ୍ଟ ତାରିଖରେ ବ୍ୟାଙ୍କ ଆକାଉ ରୁ ଦେୟ କଟାଯାଇଥାଏ। ମିରାଏ ଆସେଟ୍ ମ୍ୟୁଚୁଆଲ ଫଣ୍ଡ ୟୁପିଆଇ ଅଟୋପେ ସୁବିଧା ନିବେଶକଙ୍କ ବ୍ୟାଙ୍କ ଆକାଉ ରୁ ସେମାନଙ୍କ ଇଚ୍ଛିତ ମିରାଇ ଆସେଟ୍ ମ୍ୟୁଚୁଆଲ ଫଣ୍ଡ ସ୍କିମ୍ ରେ ନିବେଶ କରିବା ପାଇଁ ଏକ ଝଟମୁକ୍ତ ମାସିକ କାଟକୁ ସକ୍ଷମ କରିଥାଏ, ଯାହା ନିବେଶ ପ୍ରକ୍ରିୟାକୁ ଅଧିକ ସୁବିଧାଜନକ ଏବଂ ଶୃଙ୍ଖଳିତ କରିଥାଏ। ନିବେଶକମାନେ ବ ର୍ମାନ ୟୁପିଆଇ ଅଟୋପେକୁ ସମର୍ଥନ କରୁଥିବା ସମସ୍ତ ୟୁପିଆଇ ଆପ୍ଲିକେସନ୍ ବ୍ୟବହାର କରି ରିକରିଂ ଇ-ମାଣ୍ଡେଟ୍ ସକ୍ଷମ କରିପାରିବେ ।ମିରାଇ ଆସେଟ୍ ମ୍ୟୁଚୁଆଲ ଫଣ୍ଡର ୟୁପିଆଇ ଅଟୋପେ ସେବା ରିଅଲ ଟାଇମ୍ ଏସଆଇପି ମ୍ୟାଣ୍ଡେଟ୍ ସେଟ୍ ଅପ୍ ଏବଂ ନିବେଶକୁ ସକ୍ଷମ କରିଥାଏ। ଏକ ଦେୟ ପଦ୍ଧତି ଭାବରେ ୟୁପିଆଇର ବ୍ୟାପକତାକୁ ଦୃଷ୍ଟିରେ ରଖି, ଏହି ସେବା ଏକ ବିଶ୍ୱସନୀୟ ଏବଂ ସୁବିଧାଜନକ ଉପାୟରେ ଏକ ବହୁତ ଗ୍ରାହକଙ୍କ ପାଇଁ ଏସଆଇପି ସୁବିଧା ପ୍ରଦାନ କରିଥାଏ ।ନ୍ତମିରାଇ ଆସେଟରେ ଆମର ଅନ୍ୟତମ ପ୍ରମୁଖ ନୀତି ହେଉଛି କ୍ଲାଏ ସ୍ ଫାଷ୍ଟ ଆଭିମୁଖ୍ୟ, ଆମେ ସର୍ବଦା ଆମର ନିବେଶକମାନଙ୍କୁ ଦକ୍ଷ ସମାଧାନ ପ୍ରଦାନ କରିବାରେ ବିଶ୍ୱାସ କରୁଛୁ। ୟୁପିଆଇ ପୂର୍ବରୁ ପେମେ ରେ ବୈପ୍ଲବିକ ପରିବ ର୍ନ ଆଣିସାରିଛି, ୟୁପିଆଇ ଅଟୋପେ ସହିତ ଆମେ ଏକ ନୂତନ ସୁବିଧା ଆରମ୍ଭ କରୁଛୁ ଯାହା ଏସଆଇପିରେ ବୈପ୍ଲବିକ ପରିବ ର୍ନ ଆଣିବାର କ୍ଷମତା ରଖିଛି। ଆମେ ବିଶ୍ୱାସ କରୁଛୁ ଯେ ଏହି ସୁବିଧା ଆମର ନିବେଶକମାନଙ୍କୁ ମ୍ୟାଣ୍ଡେଟ୍ ପୀକରଣ ପାଇଁ ଏକ ପସନ୍ଦର ମୋଡ୍ ଭାବରେ ୟୁପିଆଇ ଅଟୋପେକୁ ଗ୍ରହଣ କରିବାରେ ସାହାଯ୍ୟ କରିବନ୍ତ ବୋଲି ମିରାଇ ଆସେଟ୍ ଇନଭେଷ୍ଟମେ ମ୍ୟାନେଜର୍ସ (ଇଣ୍ଡିଆ) ପ୍ରାଇଭେଟ୍ ଲିମିଟେଡ୍ ର ପ୍ରଡକ୍ଟ, ମାର୍କେଟିଂ ଏବଂ କର୍ପୋରେଟ୍ କମ୍ୟୁନିକେସନ୍ ମୁଖ୍ୟ ଶ୍ରୀନିବାସ ଖାନୋଲକର କହିଛନ୍ତି। ମ୍ୟୁଚୁଆଲ ଫଣ୍ଡ ଏସଆଇପି ପାଇଁ ଶିଳ୍ପର ପ୍ରଥମ ୟୁପିଆଇ ଅଟୋପେ ସମାଧାନ ପ୍ରଦାନ କରିବା ପାଇଁ ଆମେ ମିରାଇ ଆସେଟ ମ୍ୟୁଚୁଆଲ ଫଣ୍ଡ ଏବଂକେଫିନଟେକ୍ ସହିତ ଭାଗିଦାରୀ କରିବାକୁ ଉତ୍ସାହିତ। ୟୁପିଆଇ ଅଟୋପେ ନିବେଶକମାନଙ୍କ ପାଇଁସେମାନଙ୍କ ର ଏସ୍ଆଇପି ଦେଖିବା ଏବଂ ପରିଚାଳନା କରିବା ପାଇଁ ଏକ ଅତ୍ୟନ୍ତ ସୁବିଧାଜନକ ବୋଲି ବିଲଡେସ୍କର ସହ-ପ୍ରତିଷ୍ଠାତା କାର୍ଥିକ ଗଣପଥି କହିଛନ୍ତି। କେଫିନଟେକର ଏମଡି ଏବଂ ସିଇଓ ଶ୍ରୀକାନ୍ତ ନାଡେଲା କହିଛନ୍ତି ଯେ ଆମର ଗ୍ରାହକଙ୍କ ସହ ଭାଗିଦାରୀ କରିବା ଏବଂ ଶିଳ୍ପର ଅଭିନବ ସମାଧାନ ସୃଷ୍ଟି କରିବା କେଫିନଟେକର ମୂଳ ଉଦ୍ଦେଶ୍ୟ ଅଟେ। ମିରାଇ ଆସେଟ୍ ମ୍ୟୁଚୁଆଲ ଫଣ୍ଡ ଏବଂ କେଫିନଟେକ୍ ଦେଶର ପ୍ରଥମ 'ମ୍ୟାଣ୍ଡେଟ୍ + ଏସ୍ଆଇପି ପୀକରଣ' ସମାଧାନ ର ଶୁଭାରମ୍ଭ କରିଛନ୍ତି ଯାହା ଉଭୟ ନିବେଶକ ଏବଂ ବିତରକଙ୍କ ପାଇଁ ବ୍ୟବସାୟ କରିବାରେ ସହଜତା ଆଣିବ ବୋଲି ଆମେ ବିଶ୍ୱାସ କରୁଛୁ। ମ୍ୟୁଚୁଆଲ ଫଣ୍ଡ ପ୍ରକ୍ରିୟାରେ ଉତ୍ତତି ଆଣିବା ପାଇଁ ଅତିରିକ୍ତ ସମାଧାନ, ବିଶେଷକରି ଏସଆଇପିକ୍ଷେତ୍ରରେ ଏହା ଅଧିକ ସହାୟକ ହେବ ।ନ୍ତଏନପିସିଆଇ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ବ ର୍ମାନ ସୀମା ଅନୁଯାୟୀ ୟୁପିଆଇ ଅଟୋପେ ବ୍ୟବହାର କରି ୧୫,୦୦୦/- ଟଙ୍କା (ପନ୍ଦର ହଜାର) ପର୍ଯ୍ୟନ୍ତ ମ୍ୟାଣ୍ଡେଟ ସୃଷ୍ଟି କରାଯାଇପାରିବ। ଏଏମଏଫଆଇର ସଦ୍ୟତମ ତଥ୍ୟ ଅନୁଯାୟୀ, (୩୦ ସେପ୍ଟେମ୍ବର ୨୦୨୩) ହାରାହାରି ଏସ୍ଆଇପି ଟିକେଟ୍ ଆକାର ଟ.୨୨୫୦/- (ଇଣ୍ଡଷ୍ଟ୍ରି ବୁକ୍ ଆକାର ମାସିକ ୧୬,୦୪୨ କୋଟି ଟଙ୍କା ଏବଂ ୭.୧୨ କୋଟି ଏସ୍ଆଇପି ଆକାଉ ରହିଛି) ଭାରତରେ ଡିଜିଟାଲ ପେମେ ପ୍ରବେଶ କରୁଥିବାରୁ ମିରାଇ ଆସେଟ୍ ମ୍ୟୁଚୁଆଲ୍ ଫଣ୍ଡ ର ୟୁନିଫାଏଡ୍ ପେମେ ଇ ରଫେସ୍ (ୟୁପିଆଇ ଅଟୋପେ) କାରବାର ପ୍ରତି ମାସରେ ରେକର୍ଡ ସ୍ତର ସ୍ଥାପନ କରିବାକୁ ଲକ୍ଷ୍ୟ ରଖିଛି।




# ଗଣତନ୍ତ୍ରର ଏକନିଷ୍ଠ ପୂଜାରୀ ଥିଲେ ଚାଚା ନେହୁରୁ

ଭାରତ ଇତିହାସ ବକ୍ଷରେ ସେ ଥିଲେ ଚିର ଜାଜ୍ୱଲ୍ୟମାନ। ତାଙ୍କର ଶାଣିତ ଚିନ୍ତାଧାରା ଥିଲା ଅମଳିନ। ସେ ଥିଲେ ଯୁଗପୁରୁଷ ଓ ଅମୃତର ସନ୍ତାନ। ବିଶ୍ୱର କୋଟି କୋଟି ନିଷ୍ପେଷିତ, ଦଳିତ, ପତିତ ଜାତି ଓ ପଛୁଆ ଦେଶମାନଙ୍କର ସେ ଥିଲେ ପରମ ବନ୍ଧୁ। ସେହି ବ୍ୟକ୍ତି ଜଣକ ଥିଲେ ଯୁଗପୁରୁଷ,ସର୍ବଜନ ପୂଜ୍ୟ, କୋଟି ହୃଦୟର ଦେବତା ତଥା ଶିଶୁ ବତ୍ସଳ ପଣ୍ଡିତ ଜବାହାରଲାଲ ନେହୁରୁ। ଏହି ମହାନ୍ ବ୍ୟକ୍ତି କେବଳ ନିଜ ଜନ୍ମଭୂମିର ଯେ ସ୍ନେହ, ଶ୍ରଦ୍ଧା ଲାଭ କରିଥିଲେ ତାହା ନୁହେଁ, ସମଗ୍ର ବିଶ୍ୱର ବହୁ କ୍ଷୁଦ୍ର ଓ ବୃହତ ଦେଶବାସୀଙ୍କ ମାନସପଟରେ ଉଚ୍ଚ ଆସନ ଅଳଙ୍କୃତ କରିଥିଲେ। ଏହି ଶିଶୁ ବତ୍ସଳ ନେହୁରୁଙ୍କର ଜନ୍ମ ଦିବଶ କୁ ଶିଶୁ ଦିବସ ଭାବେ ପାଳନ କରାଯାଏ। ୧୮୮୯ ଖ୍ରୀଷ୍ଟାବ୍ଦ ନଭେମ୍ବର ୧୪ ତାରିଖରେ ଆହ୍ଲାବାଦର ଆନନ୍ଦ ଭବନରେ ସେ ପଣ୍ଡିତ ମୋତିଲାଲ ନେହୁରୁ ଓ ମାତା ସ୍ୱରୁପାରାଣୀ ଙ୍କର କୋଳ ମଣ୍ଡନ କରିଥିଲେ। ତାଙ୍କର ଘଟଣା ବହୁଳ ସମଗ୍ର ଜୀବନ କୋଟି କୋଟି ଅଗଣିତ ନରନାରୀ ମାନଙ୍କର ଅମୂଲ୍ୟ ଗନ୍ତାଘର ଥିଲା। ସେ ଥିଲେ ସ୍ୱାଧୀନତା ସଂଗ୍ରାମର ଅନନ୍ୟ କାଣ୍ଡାରୀ। ସ୍ୱାଧୀନତା ପରଠାରୁ ଦୀର୍ଘ ସତର ବର୍ଷ କାଳ ସେ ବିରାଟ ଭାରତ ବର୍ଷରେ ସର୍ବାଧିନାୟକ ପ୍ରଧାନମନ୍ତ୍ରୀ ଆସନ ଅଳଙ୍କୃତ କରି ଗଣତନ୍ତ୍ର ଚିନ୍ତାଧାରାକୁ ଏ ଦେଶରେ ଦୃଢିଭୂତ କରିଥିଲେ। ସେ ଚାହିଁଥିଲେ ଜାତିୟ କଂଗ୍ରେସ ଅନୁଷ୍ଠାନ ଉପରେ ତାଙ୍କର ଅସାଧାରଣ କର୍ତୃତ୍ୱ ଜାରି କରି ତାଙ୍କୁ ଖଣ୍ଡ ଖଣ୍ଡ କରିଦେଇ ପାରିଥାନ୍ତେ। ମାତ୍ର ସେ ହିଟଲର କିମ୍ବା ମୁସୋଲିନ ଙ୍କ ପରି ଏକଛତ୍ରବାଦୀ ନଥିଲେ। ତାଙ୍କଠାରେ ଧୀଶକ୍ତି ଯେପରି ଥିଲା ବିଚାରଶକ୍ତ ମ୍ମ ସେପରି ଥିଲା। ହୃଦୟବ । ଓ ମଣିକା ନ ସଂଯୋଗ ତାଙ୍କର ଜୀବନର ଗତିପଥକୁ ଉଜ୍ଜ୍ୱଳ କରିଥିଲା। ଗଣତନ୍ତ୍ରର ଏକନିଷ୍ଠ ପୂଜାରୀ ଭାବରେ ସମଗ୍ର ମାନବ ସମାଜରୁ ଯୁଦ୍ଧବିଗ୍ରହକୁ ଧ୍ୱଂସମୁଖରୁ ରକ୍ଷା କରିବା ପାଇଁ ସେ ପଂଚଶୀଳ ନୀତି ପ୍ରଚଳନ କରିଥିଲେ। ୧୯୧୮ ରୁ ନେହୁରୁଙ୍କ ରାଜନୈତିକ ଜୀବନ ଆରମ୍ଭ ହୋଇଥିଲା। ସେହି ବର୍ଷ ସେ ସର୍ବଭାରତୀୟ କଂଗ୍ରେସ କମିଟିର ସଭ୍ୟ


ଉମାଶଙ୍କର ପ୍ରସାଦ

ହୋଇଥିଲେ। ନିଜର ସମାଜବାଦୀ ଚିନ୍ତାଧାରା ପାଇଁ ସରକାରଙ୍କ ନିକଟରେ ଅପ୍ରିୟ ହୋଇଥିଲେ। ୧୯୨୧ ରେ ସେ ମସ୍କୋ ଯାତ୍ରାକଲେ ଏବଂ ସୋଭିଏତ୍ ରୁଷ ଉପରେ ଲିଖିତ ପୁସ୍ତକ ତାଙ୍କ ପାଇଁ ଦୁର୍ଭାଗ୍ୟର କାରଣ ହୋଇଥିଲା। ୧୯୨୧ ଓ ୧୯୨୨ ସେ ବନ୍ଦୀ ଜୀବନ ନିର୍ବାହ କରିଥରଲେ। ୧୯୨୯ ରେ ସେ ଏକଧାରାରେ କଂଗ୍ରେସର ସାଧାରଣ ସମ୍ପାଦକ ତଥା ସଭାପତି ହୋଇଥିଲେ। ୧୯୩୦ ରେ ସେ ଲବଣ ସତ୍ୟାଗ୍ରହ ରେ ଯୋଗଦେଇ ବନ୍ଦୀ ହୋଇଥିଲେ। ସେ ୧୯୪୦ ଓ ୪୧ ରେ କାରାବାସ ବରଣ କରିଥିଲେ। ୧୯୪୭ ରେ ଭାରତ ସ୍ୱାଧୀନ ହେବାପରେ ସେ ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ। ଭାରତର ପ୍ରଧାନମନ୍ତୀ ଭାବରେ ତାଙ୍କର ସ୍ଥାନ ଥିଲା ଅଦ୍ୱିତୀୟ। ତାଙ୍କର ମତରେ ଆଜି ଯେ ଶିଶୁ କାଲି ସେ ଭବିଷ୍ୟତର ନାଗରିକ ଓ ଦେଶର କର୍ଣ୍ଣଧାର। ବାସ୍ତବରେ ଶିଶୁମାନେ ହେଉଛନ୍ତି ଦେଶର ପ୍ରଗତି ଓ ଶକ୍ତି। ଦେଶର ସାମଗ୍ରିକ ବିକାଶ ଶିଶୁମାନଙ୍କ ଉପରେ ନିର୍ଭରଶୀଳ। ସୁତରାଂ ସେମାନଙ୍କର ସର୍ବାଙ୍ଗିନ ଉର୍ନ୍ନତିବିଧାନ ଜାତିର ପରମ କର୍ତ୍ତବ୍ୟ ହେବା ଦରକାର। ଶିଶୁ ସଂପର୍କରେ ସେ କହିଛନ୍ତି “ ଜାତିର ଭବିଷ୍ୟତ ନାଗରିକ ଶିଶୁମାନଙ୍କ ପ୍ରତି ଅବହେଳା ଏକ ଅକ୍ଷମଣୀୟ ଅପରାଧ। ହସକାନ୍ଦର ଏକ ନୂତନ ଦୁନିଆରେ ସେ ହୋଇ ଉଠୁଥିଲେ ଏକ ନୂତନ ଶିଶୁ। ଶିଶୁମାନେ ଥିଲେ ତାଙ୍କ ହୃଦୟର ବନ୍ଧୁ। ଶିଶୁମାନଙ୍କ ଉଦ୍ଦେଶ୍ୟରେ ନିଜ ଜୀବନର କାହାଣୀ ଶୁଣାଇ ସେ କହନ୍ତି ଶିଶୁମାନଙ୍କ ସହିତ ସେ ଗପ କଲେ ସେ ତାଙ୍କ ଜୀବନର ସକଳ ଦୁଃଖ ଭୁଲିଯାନ୍ତି ଏବଂ ତାଙ୍କର ଜଞ୍ଜାଳମୟ ଅଫିସ କାମରୁ ଫେରି ଆସିଥାନ୍ତି ଏକ ସୁନ୍ଦର ପୃଥିବୀକୁ। ସେ ଆତ୍ମ ବିଭୋର ହୋଇ ଗାଇ ଉଠନ୍ତି “ ମରିବାକୁ ଚାହେଁ ମୁହିଁ ସୁନ୍ଦର ଭୂବନେ/ ବଂଚିବାକୁ ଚାହେଁ ମୁହିଁ ଶିଶୁଙ୍କ ଗହଣେ ”। ପ୍ରାଣଭରି ସେ ଶିଶୁ ମାନଙ୍କୁ ସେ ଭଲ ପାଉଥିଲେ। ଗାନ୍ଧିଜୀ ନେହୁରୁ ଙ୍କ ସମ୍ପର୍କରେ କହିଥିଲେ ‘ନେହେରୁ ହେଉଛନ୍ତ ସ୍ଫଟିକ ପରି ସ୍ୱଚ୍ଛ’। ଶିଶୁମାନଙ୍କର ପ୍ରତିଭାର ଉନ୍ମେଷ ନିମିତ୍ତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶିଶୁ ଉତ୍ସବ ପାଳିତ ହେଉଛି। ୧୯୮୦ ରେ ସମଗ୍ର ପୃଥିବୀରେ ଆନ୍ତର୍ଜାତିକ ଶିଶୁବର୍ଷ ପାଳିତ ହୋଇଆସୁଛି। ତାଙ୍କର କାର ଧକାରେ ନିହିତ ଗୋଲାପ ନାମକ ଶିଶୁ ପାଇଁ ସ୍ମୃତିର ସ୍ମାରକୀ ରୂପେ ଜୀବନ ସାରା ସେ ନିଜର ପୋଷାକରେ ଗୋଲାପ ଧାରଣ କରୁଥିଲେ। ସେ ଥିଲେ ମାନବିକତାର ଏକ ମୂର୍ତ୍ତିମନ୍ତ ଅବତାର । କ୍ଷମତା ଅଧିକାର ଯୋଗୁ ନୁହେଁ କେବଳ ତାଙ୍କର ମାନବିକତାର ଗୁଣ ଯୋଗୁ ସେ କୋଟି ହୃଦୟକୁ ଅକ୍ଲେଶରେ ଜୟ କରି ପାରିଥିଲେ।

ସମ୍ପାଦକ ମାର୍ଗଦର୍ଶୀ ଖୋର୍ଦ୍ଧା
ମୋ-୬୩୭୦୬ ୭୫୫୬୨

# ରାୟଗଡ ଭାରତୀୟ ଜନତା ଯୁବମୋର୍ଚ୍ଚା ତରଫରୁ ରକ୍ତଦାନ ଅଭିଯାନ



ରାୟଗଡ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରର ରକ୍ତ ଭଣ୍ଡାରରେ ଆଜି ସକାଳ ୧୧.୩୦ ଆରମ୍ଭ ହେଇଛି । ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଙ୍କ ଜନ୍ମଦିବସକୁ ସେବା ସପ୍ତାହ ଅବସରରେ ରାୟଗଡ ମୁଖ୍ୟ ଚିକିତ୍ସାଳୟରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତିଙ୍କ ନିର୍ଦ୍ଦେଶ କ୍ରମେ ସେବା ସପ୍ତାହ କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି ଏହି ଅଭିଯାନ ର ମୁଖ୍ୟ ଉଦେଶ୍ୟ ହେଲା ନୂଆ ରକ୍ତ ଦାତାଙ୍କୁ ଜାଗୃତ କରିବା ଓ ରକ୍ତ ଦାନ କାର୍ଯ୍ୟ କଳାପ ଜାରି ରଖିବା ପାଇଁ ନୂତନ ରକ୍ତଦାତା ଙ୍କୁ ସଚେତନ କରି ଉତ୍ସାହିତ କରିବା । ଏହି ଅଭିଯାନ ପ୍ରାୟ ୭ ଦିନ ଯାଇ ଚାଲୁ ରହିବ ଯୁବମୋର୍ଚ୍ଚା ରକ୍ତ ଦାତା ସେଭକ୍ଷ ପାଖଓ୍ୱାରକ୍ଷ ଦିବସ ଜାରି ରହିବ । ଏହି ଅଭିଯାନ ରେ ରାୟଗଡା ରେ ପ୍ରାୟ ୧୦୦ ୟୁନିଟ ରକ୍ତ ସଂଗ୍ରହ ହୋଇପାରୁଛି। ଏହି ରକ୍ତ ଦାନ ଅଭିଯାନ କୁ ରାୟଗଡ ଭାରତୀୟ ଜନତା ଯୁବମୋର୍ଚ୍ଚା ରକ୍ତଦାତା ଗ୍ରୁପ ର ମିଳିତ ଅନୁକୂଲ୍ୟ ରେ ଅନୁଷ୍ଠିତ ହେଇଚ଼ି ,ଏଥିର ସଦସ୍ୟ ମାନେ ଅଜୟ କୁମାର ଚୂଳେଟ ,ଉମେଶ ଖୋସ୍ଲା, ଚିତ୍ତରଞ୍ଜନ ନାୟକ, ବସନ୍ତ ଉଲାକା, ମଞ୍ଜୁଳା ମିନିଆକା, ଏବଂ ରକ୍ତ ଭଣ୍ଡାର କର୍ମଚ଼ାରୀ ବୃନ୍ଦ ସହ ଅନ୍ୟ ସଦସ୍ୟ ମାନେ ଉପସ୍ଥିତ ଥିଲେ।

# ଚାଚା ନେହେରୁ

ଯୁଗଯୁଗ ଧରି ମଣିଷ ପ୍ରକୃତି ସହିତ ସଂଗ୍ରାମ କରିଆସିଛି, ଧୂଳି ଧୂସରିତ ଏଇ ଧରାବକ୍ଷରେ ସ୍ୱର୍ଗର ପାରିଜାତ କାନନ ସୃଷ୍ଟି କରିବାକୁ। ସଭ୍ୟତାର ସୂର୍ଯ୍ୟୋଦୟ ଠାରୁ ଲୋକେ ସଂସାରକୁ ଆସନ୍ତି, ଖାଆନ୍ତି, ପିଅନ୍ତି ଆଉ ଦିନେ ବିଦାୟ ନେଇ ଚାଲିଯାଆନ୍ତି। ଏତ ପୋକ ମାଛିର ଜୀବନ। ଯେଉଁ ମଣିଷ ମାନବ ସେବାକୁ ବ୍ରତ କରି, ଜୀବନକୁ ଶିବଭାବି ସେବା କରେ, ତାକୁ ହରାଇଲେ ସମସ୍ତ ଜୀବଜଗତ ଓ ମନୁଷ୍ୟ ସମାଜ ଦୁଃଖୀ ହୁଏ। ଆଖିରୁ ଲୁହ ଝରାଇ ତାର ଗୁଣ ବାହୁନେ। ଏମିତି ଜୀବନ ଥିଲା ଜବାହାରଲାଲାଙ୍କର । ୧୮୮୯ ମସିହା ନଭେମ୍ବର ୧୪ ତାରିଖରେ ସ୍ୱରପାରାଣୀଙ୍କ ଗର୍ଭରୁ ମୋତିଲାଲଙ୍କ ଔରସରୁ ଏକ ପୁତ୍ର ସନ୍ତାନ ଜନ୍ମ ଲାଭ କଲା। ପୁତ୍ରଟିର ନାମ କରଣ କରାଗଲା ଜବାହାରଲାଲ। ଜହର ଅର୍ଥାତ ରତ୍ନ, ଲାଲ ଅର୍ଥ ପୁତ୍ର। ‘ଆନନ୍ଦ ଭବନନ୍ତରେ ଜବାହାରଲାଲ ଖୁସୀରେ ବଢିବାକୁ ଲାଗିଲେ। ସେ ମୁବାରକ ଅଲ୍ଲୀଙ୍କ ଠାରୁ ନାନାଦି ଗପ ଶୁଣନ୍ତି। ସିପାହୀ ବିଦ୍ରୋହର ଘଟଣାବଳୀ ତାଙ୍କ ଉପରେ ପ୍ରଭାବ ପକାଇଥିଲା। ଛୋଟବେଳରୁ ଭାରତକୁ ସ୍ୱାଧୀନତା କିପରି ମିଳିବ ସେ ଚିନ୍ତା କରୁଥିଲେ। ୧୫ ବର୍ଷ ବୟସରେ ଇଂଲଣ୍ଡର ହ୍ୟାରୋ ସ୍କୁଲରେ ନାମ ଲେଖାଇ ପଢା ପଢିରେ ମନ ଲଗାଇ ଦେଲେ। ହ୍ୟାରୋ ସ୍କୁଲରେ ପାଠ ପଢା ଶେଷ କରି, କେମ୍ବ୍ରିଜ ବିଶ୍ୱ ବିଦ୍ୟାଳୟରେ ନାଁ ଲେଖାଇଲେ। ସେଠି ସେ ବିଜ୍ଞାନ ପଢିଲେ, କେମଷ୍ଟ୍ରୀ, ବଟାନି ଓ ଖଣିତତ୍ତ୍ୱ ବିଷୟ ନେଇ, କେମ୍ବ୍ରିଜ ବିଶ୍ୱବିଦ୍ୟାଳୟ ରୁ ଡ଼ିଗ୍ରୀ ପାଶ୍ କରି ସେ ଆୟାରଲ୍ୟାଣ୍ଡ ଓ ନରଓ୍ୱେ ଭ୍ରମଣରେ ଯାଇଥିଲେ। ବହୁତ ଦୁର୍ଗମ ପାହାଡ଼ିଆ ଅଂଚଳ ଭ୍ରମଣ ସାରି ଏକ ହୋଟେଲରେ ବିଶ୍ରାମ ନେଲେ। ସ୍ନାନ ପାଇଁ ହୋଟେଲରେ ସୁବିଧା ନଥିବାରୁ , ଏକ ଝରଣାରେ ସ୍ନାନ ସମୟରେ ଗୋଡ଼ ଖସିଗଲା। ସେ ଝରଣା ସ୍ରୋତରେ ଭାସିଗଲେ। ବହୁ କଷ୍ଟରେ କୂଳରେ ପହଂଚିଲେ ତାଙ୍କ ବନ୍ଧୁ ଟାଣି ଉପରକୁ ଉଠଇଲେ। ଏକ ପ୍ରକାର ମୃତ୍ୟୁ ମୁଖରୁ ରକ୍ଷା ପାଇଗଲେ। ୧୯୧୨ ଖ୍ରୀଷ୍ଟାବ୍ଦରେ ଲଣ୍ଡନରୁ ବାରିଷ୍ଟରି ପରୀକ୍ଷାରେ ଉତିର୍ଣ୍ଣ ହେଲେ। ଭାରତକୁ ଫେରି ବମ୍ବେ ବନ୍ଦରରେ ପହଂଚିଲେ। ଏଲ୍ଲାହାବାଦରେ ପିତାଙ୍କୁ ନପାଇ ସେ ମସୋରୀକୁ ଗଲେ। ପିତାଙ୍କ ଜୁନିୟର ଭାବେ ଏଲହାବାଦ କୋର୍ଟରେ ଓକିଲାତି ଆରମ୍ଭ କଲେ। ମୋତିଲାଲ ପୁଅ ଜବାହରଙ୍କୁ ପଚାରିଲେ ‘ ସ୍ତ୍ରୀ ସୁନ୍ଦରୀ ଚାହୁଁଚ ନା ଶିକ୍ଷିତା ଚାହୁଁଚନ୍ତ ଜବାହର ଉତ୍ର ଦେଲେ ଆପଣଙ୍କର ନାକ ଦରକାର କି ଆଖି ? ଆପଣଙ୍କ ପ୍ରଶ୍ନ ଠିକ୍ ଏମିତି ମୋର ଦୁଇଟି ଯାକ ଦରକାର। ମୋତିଲାଲ ଷୋଡଷ ବର୍ଷୀ ଅନିନ୍ଦ୍ୟ ସୁନ୍ଦରୀ ଉଚ୍ଚା, ପତଳା ଓ ଗୌରବର୍ଣ୍ଣ କମଳା କୁ ପୁତ୍ରବଧୁ କରିବାକୁ ସ୍ଥିର କଲେ। ୧୯୧୬ ମସିହା ଶ୍ରୀ ପଂଚମୀ ଦିନ ମୋତିଲାଲ ନିଜର ପୁତ୍ରର ବିବାହ ଉତ୍ସବ ବହୁତ ଆଡ଼ମ୍ବର ସହକାରେ ଶେଷ କଲେ। ଜବାହାରଲାଲ ଓ କମଳା ଦୁହିଁଙ୍କ ଜୀବନରେ ନୂଆ ରୂପ, ନୂଆ ମହକ ଓ ସୁଖ ସନ୍ତୋଷ ଭରି ହୋଇଗଲା। ଦେଶ ସେବା ପାଇଁ କମଳାଙ୍କ ମନରେ ଯେଉଁ ଆଗ୍ରହ ତାହା ଜବାହାରଙ୍କୁ ଖୁସି ଦେଉଥିଲା। ନୂଆ ସୁଖ ଦୁଇ ଜୀବନକୁ ଭଲ ଲଗୁଥିଲା। ସରୋଜିନୀ ନାଇଡୁଙ୍କର ଭାଷଣରେ ଜବାହାରଙ୍କ ମନରେ ଦେଶ ପ୍ରେମ ଓ ଜାତୀୟତାଭାବ ସୃଷ୍ଟି ହେଲା। ଗାନ୍ଧୀଙ୍କର ବ୍ୟକ୍ତିତ୍ୱ ଓ ଚମ୍ପାରଣର ନୀଳଚାଷୀଙ୍କ ବିଜୟ ଜବାହାରଙ୍କୁ ପ୍ରଭାବିତ କରିଥିଲା। କମଳା ନେହୁରୁଙ୍କ ଗର୍ଭରୁ ଏକ କନ୍ୟାଜାତ ହେଲା। ଯାର ନାମ ଦିଆଗଲା ଇନ୍ଦିରା। ପିତାଙ୍କ ବାରଣ ହେତୁ ଜବାହାର ସତ୍ୟାଗ୍ରହରେ ଯୋଗ ଦେଇ ପାରିଲେ ନାହିଁ। ଗାନ୍ଧୀ ଆସି ଆନନ୍ଦ ଭବନରେ ଚାରିଦିନ ରହି ପିତାଙ୍କ ମନକଷ୍ଟ ନକରିବାକୁ ଜବାହାରଙ୍କୁ ପରାମର୍ଶ ଦେଲେ। ଗାନ୍ଧିଜୀ ସତ୍ୟାଗ୍ରହ ଆନ୍ଦୋଳନରେ ଗିରଫ ହେଲେ। ଗାନ୍ଧିଜୀଙ୍କ ଗିରଫ ଯୋଗୁ ଜନତା ପୋଲିସ ସହ ଧସ୍ତା ଧସ୍ତି ଆରମ୍ଭ ହୋଇଗଲା। ପୋଲିସ ଗୁଳିରେ ନିରୀହ ଲୋକଙ୍କୁ ହତ୍ୟା କଲେ। ଡ଼ାୟାର ସାହେବ ପାବରେ ଆତଙ୍କ ସୃଷ୍ଟି କରି କେତେକଙ୍କୁ ବନ୍ଦୀ କଲେ। ହର୍ଣ୍ଟର କମିଶନକୁ କଂଗ୍ରେସ ବିରୁଦ୍ଧ କଲା।

ଲୋକମାନ୍ୟ ବାଳ ଗଙ୍ଗାଧର ତିଳକଙ୍କର ମୃତ୍ୟ ଶୋଭାଯାତ୍ରାରେ ଗାନ୍ଧୀଙ୍କ ସହିତ ଜବାହାର ଯୋଗଦେଲେ। ଏହି ସମୟରେ କମଳା ଏକ ପୁତ୍ରଙ୍କୁ ଜନ୍ମ କରିବାର ସାତ ଦିନ ପରେ ତାର ମୃତ୍ୟୁ ହୋଇଗଲା। କମଳା ଯକ୍ଷ୍ମାରେ ଅସୁସ୍ଥ ହୋଇଗଲେ। ସେଥିପାଇଁ କମଳାଙ୍କୁ ସଙ୍ଗରେ ଧରି ଜବାହାର ଇଉରୋପ ଚାଲିଗଲେ। ଜେନେଭା ଠାରେ କିଛି ଦିନ ରହିଲେ। ମୋତିଲାଲ କନ୍ୟା କୃଷ୍ଣାଙ୍କୁ କମଳା ନେହେରୁଙ୍କର ସେବା କାର୍ଯ୍ୟ ପାଇଁ ଜେନେଭା ପଠାଇ ଦେଲେ। ଋଷ୍ ଆନ୍ଦୋଳନର ଦଶମ ବାର୍ଷିକୋତ୍ସବର ଆମନ୍ତ୍ରଣ ରକ୍ଷାକରି ମୋତିଲାଲ, ଜବାହର ଓ କୃଷ୍ଣା ବର୍ଲିନ ଠାରୁ ଋଷ୍ ଅଭିମୁଖେ


ଅକ୍ଷୟ କୁମାର ରାଉତ

ରେଳ ଯାତ୍ରା କଲେ। ସେମାନେ ପହଂଚିବା ବେଳକୁ ଉତ୍ସବ ସମାପ୍ତି ହୋଇଥିଲା। ତଥାପି ସେମାନେ ଋଷ୍‌ରେ ଚାରି ଦିନ ରହିଗଲେ। କମଳା ନେହୁରଙ୍କ ସ୍ୱାସ୍ଥ୍ୟ ସ୍ୱଭାବିକ ହେବାରୁ ଜବାହାର ସପରିବାରେ ଭାରତକୁ ଫେରିଆସିଲେ।

ପାବ କେଶରୀ ଲାଲା ଲଜପତ ରାୟ ସାଇମନ କମିଶନଙ୍କୁ ବିରୋଧ କଲେ। ଗୋରା ସିପାହୀ ମାନେ ଜନସାଧାରଣଙ୍କୁ ଗୋରୁ ଗାଈଙ୍କ ଭଳି ଲାଠିରେ ମାଡ ଦେଲେ। ଗୋରା ସିପାହୀ ମାଡରେ ଲାଲା ଲଜପତ ରାୟ କିଛି ଦିନ ପରେ ମୃତ୍ୟୁ ମୁଖରେ ପଡିଲେ। ଲାଲାଙ୍କ ମୃତ୍ୟୁ ପରେ ଭାରତ ବର୍ଷରେ ଆନ୍ଦୋଳନ ତେଜି ଉଠିଲା। ଭଗତ୍‌ସିଂହ ଲାଲା ଲଜପତ ରାୟଙ୍କୁ ହତ୍ୟା କରିଥିବା ଗୋରା ପୋଲିସଙ୍କୁ ହତ୍ୟା କରି ଗିରଫ ହେଲେ। ଜବାହାରଙ୍କୁ ପୋଲିସ୍ ମାଡ଼ ମାରିଥିବା କଥା ଚାରି ଆଡେ ପ୍ରଚାରିତ ହୋଇଗଲା। ଲାଠି ମାଡରେ ଜବାହାରଙ୍କର ସର୍ବାଙ୍ଗ ଶରୀର ବ୍ୟଥା ହେଉଥାଏ। ମୋତିଲାଲ ଖବର ପାଇ ଏହ୍ଲାବାଦରେ ପହଂଚି ଜବାହାରଙ୍କୁ ଦେଖା କଲେ। ମୋତିଲାଲ ଏକ ସମ୍ବିଧାନ ତିଆରି କଲେ ତାହା ନେହେରୁ ରିପୋର୍ଟ ନାମରେ ପ୍ରସିଦ୍ଧ। ଏହି ରିପୋର୍ଟରେ ଔପନିବେଶିକ ସ୍ୱାଧୀନତା ଥିଲା। ଏହାକୁ ସୁବାଷ ବୋଷ ଓ ଅନ୍ୟାନ୍ୟ ସତ୍ୟାଗ୍ରହୀମାନେ ବିରୋଧ କଲେ। କଂଗ୍ରେସର କଲିକତା ଅଧିବେସନରେ ଏକ ସୂତ୍ର ବାହାରିଲା। କଂଗ୍ରେସ ଔପନିବେଶିକ ସ୍ୱାଧୀନତା କରାଇ ନପାରିଲେ ଭାରତକୁ ପୂର୍ଣ୍ଣ ସ୍ୱାଧୀନତା ନିମିତ ଦାବି କରାଯିବ। ଏହି ଔପନିବେଶକ ବାଦରୁ କଂଗ୍ରେସର ସଂପାଦକ ଜବାହାରଲାଲ ଓ ସୁବାଷ ବୋଷ ବିରୋଧ କରି କଲିକତା ଅଧିବେସନକୁ ଗଲେ ନାହିଁ। ମୋତିଲାଲ ସ୍ୱରାଜ ଦଳ ଗଠନ କଲେ। ମୋତିଲାଲ ଇସ୍ତଫା ଦେବାପରେ ଜବାହାର ୧୯୨୯ ମସିହାରେ କଂଗ୍ରେସର ସଭାପତି ହେଲେ। ପୂର୍ଣ୍ଣ ସ୍ୱରାଜକୁ କଂଗ୍ରେସର ଲକ୍ଷ ବୋଲି ଗ୍ରହଣ କରିନିଆଗଲା। ଇଂରେଜ ସରକାର ୧୯୨୯ରେ ଭାରତକୁ ଔପନିବେଶିକ ସ୍ୱାଧୀନତା ଦେଲେ ନାହିଁ। କଂଗ୍ରେସ ଲାହୋର ଅଧିବେଶନରେ ପୂର୍ଣ୍ଣ ସ୍ୱାଧୀନତା ପାଇବା ନିର୍ମିତ ଆନ୍ଦୋଳନ ଆରମ୍ଭ କରିଦେଲେ। ମହାତ୍ମା ଗାନ୍ଧୀ ଓ ଜବାହାରଲାଲ ୧୯୩୦ ମସିହା ଜାନୁୟାରୀ ମାସ ୨୬ ତାରିଖ କୁ ସ୍ୱାଧିନତା ଦିବସ (ଶପଥ ଦିବସ) ରୂପେ ଘୋଷଣା କଲେ। ଜବାହାର ଲାଲଙ୍କୁ ଗାନ୍ଧିଜୀ ବୁଝାଇଲେ ଅହିଂସା ଅସ୍ତ୍ର ପ୍ରତ୍ୟେକ ଅସ୍ତ୍ର ଠାରୁ ବଳଶାଳୀ ଓ ଭୟଙ୍କର। ଭାରତର ପୂର୍ଣ୍ଣ ସ୍ୱାଧୀନତା ଗାନ୍ଧିଜୀଙ୍କ ଉପରେ ନ୍ୟସ୍ତ କରାଗଲା। ଗାନ୍ଧିଜୀ ପ୍ରଥମେ ଲବଣ କର ଉଠାଇ ନେବା ଓ ଲବଣ ଆଇନ ଭଙ୍ଗ ହିଁ ପୂର୍ଣ୍ଣ ସ୍ୱାଧୀନତା ପ୍ରାପ୍ତିର ପ୍ରଥମ ପାହାଚ, ତେଣୁ ଗାନ୍ଧିଜୀ ୧୯୩୦ ଖ୍ରୀଷ୍ଟାବ୍ଦ ଅପ୍ରେଲ ୬ ତାରିଖରେ ଦାଣ୍ଡିଠାରେ ଲୁଣ ମାରି ସରକାରଙ୍କ ଲବଣ ଆଇନକୁ ଅମାନ୍ୟ କଲେ। ଲବଣ ସତ୍ୟାଗ୍ରହ ବିରାଟ ରୂପ ଧାରଣ କଲା। ଗାନ୍ଧିଜୀଙ୍କୁ ୧୯୩୦ ମସିହା ମେ ମାସ ୫ତାରିଖରେ ଇଂରେଜ ସରକାର କାରାରୁଦ୍ଧ କଲେ। କୃଷକ ମାନଙ୍କ ଡାକରାରେ ଜହରଲାଲ କୃଷକ ମାନଙ୍କ ବୈଠକରେ ଯୋଗ ଦେଇ ସରକାରଙ୍କୁ ଖଜଣା ନ ଦେବାକୁ ଆହ୍ୱାନ କଲେ। ପୋଲିସ ତାଙ୍କୁ ଗିରଫ କରି ନୈନି ଜେଲକୁ ପଠାଇ ଦେଲେ। ବିଚାରରେ ଦୁଇ ବର୍ଷ ଜେଲ ଦଣ୍ଡ ଓ ଦୁଇଶତ ଟଙ୍କା ଜୋରିମାନା, ଏହା ଥିଲା ତାଙ୍କର ପଂଚମ ଜେଲଦଣ୍ଡ। ୧୯୩୦ ନଭେମ୍ବର ୧୪ ତାରିଖ ରେ ଜବାହାର ଲାଲଙ୍କ ଜନ୍ମ ଦିବସରେ ସାରା ଭାରତରେ ସଭା ସମିତିରେ ତାଙ୍କର ଭାଷଣ ପଠନ କରାଗଲା। ଜହର ଲାଲ ନୈନି ଜେଲରେ ଥିବା ସମୟରେ ମୋତିଲାଲ ଗିରଫ ହୋଇ ଉକ୍ତ ଜେଲରେ ରହିଲେ। ମୋତିଲାଲଙ୍କ ସ୍ୱାସ୍ଥ୍ୟ ଖରାପ ହେବାରୁ ତାଙ୍କୁ ମୁକ୍ତ କରିଦିଆଗଲା। କୃଷକମାନଙ୍କ ଉପରେ ହେଉଥିବା ଅତ୍ୟାଚାର ବେତ୍ରାଘାତର ପ୍ରତିବାଦରେ ଜହର ଲାଲ ଅନଶନ ଆରମ୍ଭ କରିଦେଲେ। ବେତ୍ରାଘାତ ସ୍ଥଗିତ ହେଲା। ୧୯୩୧ ମସିହା ଜାନୁୟାରୀ ମାସ ୨୬ ତାରିଖରେ ଜହରଲାଲ କାରାମୁକ୍ତ ହେଲେ। ଜାନୁଆରୀ ୨୭ ତାରିଖରୁ ସ୍ୱାଧୀନତା ଦିବସ ରୂପେ ସାରା ଭାରତରେ ପାଳନ କରାଗଲା। କମଳା ନେହେରୁ ଆନ୍ଦୋଳନରେ ଯୋଗ ଦେଇ ସ୍ୱାମୀଙ୍କ ପଥର ଯାତ୍ରୀ ହୋଇ ୧୯୩୧ ଖ୍ରୀଷ୍ଟାବ୍ଦରେ ବନ୍ଦୀ ହେଲେ। ମୋତିଲାଲ ନେହେରୁ ୧୯୩୧ ମସିହା ଅପ୍ରେଲ ଛଅ ତାରିଖରେ ଶେଷ ନିଶ୍ୱାସ ତ୍ୟାଗ କଲେ। ବିରାଟ ଶୋଭାଯାତ୍ରାରେ ଗଙ୍ଗା ନଦୀ କୂଳରେ ମୋତିଲାଲଙ୍କ ମରଶରୀରକୁ ସଂସ୍କାର କରାଗଲା। ଜାଲିଆନାଓ୍ୱାଲାବାଗ ହତ୍ୟାକାଣ୍ଡ ଓ ଅନ୍ୟାନ୍ୟ ନରସଂହାରକୁ ମନେପକାଇ ଅପ୍ରେଲ ୬ ରୁ ୧୩ ତାରିଖ ଯାଏ ଜାତୀୟ ଦିବସ ପାଳନ କରାଗଲା। ମୋତିଲାଲଙ୍କ ପତ୍ନୀ ସ୍ୱରୂପାରାଣୀଙ୍କୁ ଇଂରେଜ ସିପାହୀ ଧକ୍କା ମାରି ତଳେ ପକାଇ ଦେବାରୁ ସେ ଆଘାତ ପାଇଲେ। ଏହି ଆଘାତ ଖବର ଭୁଲ କ୍ରମେ ସ୍ୱରୂପାରାଣୀଙ୍କର ମୃତ୍ୟୁ ରୂପେ ପ୍ରଚାରିତ ହୋଇଯିବାରୁ ବିଭିନ୍ନ ସ୍ଥାନରେ ଦଙ୍ଗା ଆରମ୍ଭ ହୋଇଗଲା। ଜହରଲାଲ ଶେଷ ତାରିଖ ପୂର୍ବରୁ କାରାମୁକ୍ତ ହେଲେ। କମଳାଙ୍କ ମୃତ୍ୟୁ ପରେ ନେହେରୁ ଭାଙ୍ଗି ପଡିଲେ। ତେଣୁ ସେ ଇନ୍ଦିରା ଗାନ୍ଧୀଙ୍କୁ ଇଂଲଣ୍ଡର କ୍ରିଷ୍ଟଲ ବ୍ୟାଡମିଣ୍ଟନ ବିଦ୍ୟାଳୟରେ ପାଠ ପଢାଇଲେ। ଜାପାନ ଚାଇନା ଉପରେ ବୋମା ବର୍ଷଣ କରୁଥାଏ କଂଗ୍ରେସର ପ୍ରତିନିଧି ରୂପେ ନେହେରୁ ଚୀନ ଗଲେ। ଚୀନର ତତ୍‌କାଳୀନ ଶାସକ ଓ ତାଙ୍କର ସ୍ତ୍ରୀ ତାଙ୍କୁ ବହୁତ ସମ୍ବର୍ଦ୍ଧନା ଦେଲେ। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡ ସରକାର କଂଗ୍ରେସର ସହାୟତା ଇଚ୍ଛା କରିବାରୁ କଂଗ୍ରେସ ସ୍ୱାଧୀନତା ଦାବୀ କଲା। ୧୯୪୨ ମସିହା ମାର୍ଚ୍ଚ ମାସରେ ଇନ୍ଦିରାଙ୍କ ବିବାହ ଫରାସି ଜାତିର ଫିରୋଜ ସହିତ ଆନନ୍ଦ ଭାବନରେ ଅନୁଷ୍ଠିତ ହେଲା। ଦ୍ୱିତୀୟ ମହାଯୁଦ୍ଧରେ ଇଂଲଣ୍ଡର ଆର୍ଥିକ ସ୍ଥିତି ଦୋହଲି ଗଲା। ତା ପକ୍ଷେ ଭାରତକୁ ନିୟନ୍ତ୍ରଣ କରିବା କଷ୍ଟକର ହୋଇ ପଡିଲା। ତେଣୁ ଇଂରେଜ ସରକାର ଭାରତରୁ ତଡାଖାଇ ଯିବା ଅପେକ୍ଷା ଭାରତକୁ ସ୍ୱାଧୀନତା ଦେବା କଥା ଚିନ୍ତାକଲେ। ତେଣୁ ୧୯୪୬ ମସିହାରେ ଭାରତରେ ସାଧାରଣ ଭୋଟ ଅନୁଷ୍ଠିତ ହେଲା। ଇଂରେଜ ମାନେ କୌଶଳରେ ହିନ୍ଦୁ ଓ ମୁସଲମାନଙ୍କ ମଧ୍ୟରେ ଗୃହ ଯୁଦ୍ଧ ଆରମ୍ଭ କରିଦେଲେ। ଏହି ଗୃହ ଯୁଦ୍ଧରେ ବହୁ ନର ନାରୀ ଓ ଶିଶୁ ବଳି ପଡିଗଲେ। ଭାରତର ସ୍ୱାଧୀନତା ବ୍ରିଟିଶ ପାର୍ଲିଆମେଣ୍ଟରେ ମୁର ହୋଇଗଲା। ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଭାରତ ବିଭାଜିତ ହୋଇ ସ୍ୱାଧୀନତା ଲାଭ କଲା। ସ୍ୱାଧୀନ ଭାରତର ପ୍ରଥମ ପ୍ରଧାନ ମନ୍ତ୍ରୀ ରୂପେ ଜବାହରଲାଲ ନେହେରୁ ଶପଥ ଗ୍ରହଣ କଲେ। ରାଷ୍ଟ୍ରର ଶାନ୍ତି ପାଇଁ ସେ ପଂଚଶୀଳ ନୀତିକୁ ଗ୍ରହଣ କରିଥିଲେ। ନିଜ ପରିବାରରେ ଚାଚା ଥାଆନ୍ତି, ଗାଁ ଗହଳିରେ କିଛି ଲୋକ ଥାଆନ୍ତି ଯାହାକୁ ସମସ୍ତେ ଭଲ ପାଆନ୍ତି ତାଙ୍କୁ ଚାଚା କହନ୍ତି। ଯାହାଙ୍କୁ ସାରା ଦେଶ ଭଲପାଏ ଓ ଚାଚା ବୋଲି ସମ୍ବୋଧନ କରନ୍ତି, ସେ ହେଉଛନ୍ତି ଚାଚା ନେହେରୁ। ୧୯୬୪ ମସିହା ମେ ମାସ ୨୭ ତାରିଖରେ ଜବାହାରଲାଲଙ୍କ ଦେହାନ୍ତ ହୋଇଗଲା। ଦେଶ ପାଇଁ ତାଙ୍କର ମହାନ୍ ତ୍ୟାଗ, ଆଦର୍ଶ ଓ ସଂଗ୍ରାମ ଦେଶ ବାସୀଙ୍କ ହୃଦୟ ରାଜ୍ୟରେ ଅଦ୍ୟାବଧି ଅବିସ୍ମରଣୀୟ ହୋଇ ରହିଛି ଓ ଯୁଗ ଯୁଗକୁ ରହିଥିବ।

ପାରାଦ୍ୱୀପ ଗଡ଼, କୁଜଙ୍ଗ ,
ଜଗତ୍‌ସିଂହପୁର
ମୋ-୯୯୩୭୬୯୧୪୭୫

# ତାଳପଡା ପଞ୍ଚାୟତରେ ବିଜେପି ର ମିଶ୍ରଣ ପର୍ବ : ସମ୍ପଦ ଙ୍କ ପ୍ରତି ବଢୁଛି ପ୍ରବଳ ଜନସମର୍ଥନ

ପାରାଦୀପ,(ପି.ଏନ): କୁଜଙ୍ଗ ବ୍ଲକ୍ ତାଳପଡା ପଞ୍ଚାୟତର ଜେଳ ଗ୍ରାମର ବହୁ କଂଗ୍ରେସ ଓ ବିଜେଡି କର୍ମୀମାନେ ପାରାଦୀପ ନିର୍ବାଚ଼ନ ମଣ୍ଡଳୀର ବିଜେପି ନେତା ସମ୍ପଦ ସ୍ୱାଇଁ ଙ୍କ ଉପରେ ଆସ୍ଥା ରଖି ସୋମବାର ଦିନ ବିଜେପିରେ ସାମିଲ ହୋଇଛନ୍ତି କ୍ଷ ପାରାଦୀପରେ ରାଜନୈତିକ ପରିବର୍ତ୍ତନ ସମସ୍ତଙ୍କର ଗୋଟିଏ ଲକ୍ଷ୍ୟ ହେଉ ବୋଲି ଦଳ ପକ୍ଷରୁ କୁହାଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗ ଦେଇ ବିଜେପି ନେତା ସମ୍ପଦ କହିଥିଲେ ଯେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଙ୍କ ବିକାଶ ଧାରାରେ ଗାଁ ପାଇଁ ବିଭିନ୍ନ ଯୋଜନା କରାଯାଉଛି। ପ୍ରତ୍ୟେକ ବ୍ଲକକୁ ଲକ୍ଷଲକ୍ଷ ଟଙ୍କାର ଅନୁଦାନ ଦିଆଯାଉଛି। ମାତ୍ର ରାଜନୈତିକ ଇଚ୍ଛା ଶକ୍ତିର ଅଭାବ, ପିସି କାରବାର ଓ ପ୍ରଶାସନିକ ଅଧିକାରୀଙ୍କ ମନମାନି ଯୋଗୁଁ ଗାଁର ବିକାଶ ଏକ ପ୍ରକାର ଠପ ହୋଇଯାଇଛି । ୨୦୨୪ ପରିବର୍ତ୍ତନର ବର୍ଷ । ପରିବର୍ତ୍ତନର ୬ ମାସ ମଧ୍ୟରେ ଏହି ଅଞ୍ଚଳର ମୌଳିକ ସମସ୍ୟା ଦୂର କରିବା ପାଇଁ ସମସ୍ତ ପଦକ୍ଷେପ ନିଆଯିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି ସମ୍ପଦ କ୍ଷ ତେବେ ବିଜେପି ନେତା ସମ୍ପଦ ଅତୀତରେ ନିର୍ବାଚ଼ନ



ହାରିବା ପରେ ମଧ ବର୍ଷେ ସାରା ପାରାଦୀପ ନିର୍ବାଚ଼ନ ମଣ୍ଡଳୀ ର ବିଭିନ୍ନ ସ୍ଥାନରେ ପହଞ୍ଚି ଲୋକଙ୍କ ଦୁଃଖ ସୁଖରେ ଛିଡା ହେବା ଏବଂ ଦୈବୀ ଦୁର୍ବିପାକ ସମୟରେ ସେମାନଙ୍କୁ ସହଯୋଗ କରିବା ଦ୍ୱାରା ସେ ସାଧାରଣରେ ଗ୍ରହଣୀୟ ହେବା ସହ ତାଙ୍କ ପ୍ରତି ଜନସମର୍ଥନ ବଢ଼ିବାର ଦେଖିବାକୁ ମିଳୁଛି କ୍ଷ ତେବେ ଏହି ମିଶ୍ରଣ ପର୍ବରେ ଜେ ?ଳ ଗାଁର ବିଜେଡି ଓ କଂଗ୍ରେସର ଆଗ ଧାଡ଼ିର ନେତା ରଞ୍ଜନ ସ୍ୱାଇଁ, ଅଲେଖ ସାହୁ, ଜୟା ସ୍ୱାଇଁ, ରମେଶ ସ୍ୱାଇଁ, ମହେନ୍ଦ୍ର ସ୍ୱାଇଁ, ନୃସିଂହ ସ୍ୱାଇଁ, ମୁନା ବେହେରା, ସୂର୍ଯ୍ୟକାନ୍ତ ସ୍ୱାଇଁ, ସୂର୍ଯ୍ୟକାନ୍ତ ଷଡଙ୍ଗୀ, ପ୍ରଦୀପ ସ୍ୱାଇଁ, ଭ ?ରତୀ ରାଉତ, ନମିତା ସ୍ୱାଇଁ, ଶାନ୍ତିଲତା ସ୍ୱାଇଁ, ମେନକା ସ୍ୱାଇଁ, ବିନି ସ୍ୱାଇଁ, ଜାନକୀ ସ୍ୱାଇଁ, ସୁନିତା ଲେଙ୍କା, କଞ୍ଚନା ସ୍ୱାଇଁ ଓ ଅହଲ୍ୟା ସ୍ୱାଇଁ ପ୍ରମୁଖ ବିଜେପିରେ ସାମିଲ ହୋଇଥିବା ନେଇ ସୂଚ଼ନା ଦେଇଛନ୍ତି ବିଜେପି ନେତା ପ୍ରତାପ ଦାସ ।

# ଏମ୍ସ ଭୁବନେଶ୍ୱର ପକ୍ଷରୁ ରାଜ୍ୟରେ ପ୍ରଥମ ଅଭିନବ “ଟ୍ରାଭେଲ୍ ହେଲଥ୍ କ୍ଲିନିକ୍” ର ଶୁଭାରମ୍ଭ

ଭୁବନେଶ୍ୱର, (ପି.ଏନ): ନିରାପଦ ଏବଂ ସୁସ୍ଥ ଭ୍ରମଣ ସହିତ ଅର୍ଥନୈତିକ ଅଭିବୃଦ୍ଧିକୁ ସୁରକ୍ଷା ଦେବାରେ ଟ୍ରାଭେଲ ମେଡିସିନର ଭୂମିକା ସମୟର ବଡ଼ ଆହ୍ୱାନ। ତେଣୁ ବିଦେଶ ଯାତ୍ରା କରିଥିବା ସମସ୍ତ ଯାତ୍ରୀଙ୍କ ପାଇଁ ଗୋଟିଏ ସ୍ଥାନରେ ପୂର୍ଣ୍ଣାଙ୍ଗ ସୂଚ଼ନା ଉପଲବ୍ଧ ହେବା ନିହାତି ଜରୁରୀ। ଏହାକୁ ଦୃଷ୍ଟିରେ ରଖି ଆଜି ଏମ୍ସ ଭୁବନେଶ୍ୱର ପକ୍ଷରୁ ରାଜ୍ୟର ପ୍ରଥମ ଅଭିନବ “ଟ୍ରାଭେଲ୍ ହେଲଥ୍ କ୍ଲିନିକ୍” ର ଶୁଭାରମ୍ଭ ହୋଇଯାଇଛି। ବିଦେଶ ଯାତ୍ରୀଙ୍କ ପାଇଁ ସମସ୍ତ ସୂଚ଼ନା ସହିତ ପୂର୍ଣ୍ଣାଙ୍ଗ ସେବା ଯୋଗାଇବାରେ ଦେଶରେ ଅନନ୍ୟ ସ୍ୱାସ୍ଥ୍ୟ ଅନୁଷ୍ଠାନ ପାଲଟିଥିବା ପ୍ରକାଶ କରିଛନ୍ତି ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ। ଏମ୍ସ ଭୁବନେଶ୍ୱର କମ୍ୟୁନିଟି ମେଡିସିନ ଏବଂ ଫ୍ୟାମିଲି ମେଡିସିନ୍ ବିଭାଗ ପକ୍ଷରୁ ଆରମ୍ଭ ହୋଇଥିବା ଏହି ଟ୍ରାଭେଲ୍ ହେଲଥ୍ କ୍ଲିନିକ୍ ସପ୍ତାହର ପ୍ରତି ସୋମବାର ଏବଂ ଗୁରୁବାର ଅପରାହ୍ନ ଦୁଇରୁ ଚ଼ାରିଟା ପର୍ଯ୍ୟନ୍ତ କାମ କରିବ। ବାହାର ଦେଶରେ ଥିବା ବିଭିନ୍ନ ସଂକ୍ରାମକ ରୋଗ ସହିତ ଅନ୍ୟାନ୍ୟ ସମସ୍ତ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସୂଚ଼ନା ନିମନ୍ତେ ଏହି ବ୍ୟବସ୍ଥାର ସହଯୋଗ ନେବାକୁ ଡ. ବିଶ୍ୱାସ ସମସ୍ତଙ୍କୁ ପରାମର୍ଶ ଦେଇଛନ୍ତି। ବିଶେଷ କରି ଜୀବିକା ଅନ୍‌ଓ୍ୱେଷଣରେ ବାହାର ଦେଶକୁ ଯାଉଥିବା ବ୍ୟକ୍ତିଙ୍କ ପାଇଁ ଏହି କ୍ଲିନିକ୍ ବେଶ ସହାୟକ ହେବବୋଲି ଡ. ବିଶ୍ୱାସ ଆଶାବ୍ୟକ୍ତ କରିଛନ୍ତି ।ଆଜିର ଉଦ୍‌ଘାଟନୀ ସମାରୋହରେ ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ତଥା ସିଇଓ ଡ. ଆଶୁତୋଷ ବିଶ୍ୱାସଙ୍କ ସମେତ ମେଡିକାଲ୍ ଅଧୀକ୍ଷକ ଡ. ଦିଲୀପ କୁମାର ପରିଡ଼ା, ରାଜ୍ୟ ପରିବାର କଲ୍ୟାଣ ନିର୍ଦ୍ଦେଶକ ଡ. ବିଜୟ କୁମାର ପାଣିଗ୍ରାହି, ଭାରତ ସରକାରଙ୍କ ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶିକା ଡ. ସୁଚ଼ିତ୍ରା ସାସମଲ୍, ରାଜ୍ୟ ଟୀକାକରଣ ଅଧିକାରୀ ଡ. ତାପସ ପାତ୍ର, ଭୁବନେଶ୍ୱର ବିମାନବନ୍ଦର ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବିଶ୍ୱରଂଜନ ଦାଶ, କମ୍ୟୁନିଟି ଏବଂ ଫ୍ୟାମିଲି ମେଡିସିନ୍ ବିଭାଗ ମୁଖ୍ୟ ଡ. ସୋନୁ ହାଙ୍ଗମା ସୁବା ପ୍ରମୁଖ ଉପସ୍ଥିତ ଥିଲେ।ଏହି ସ୍ୱତନ୍ତ୍ର କ୍ଲିନିକ୍ ସପ୍ତାହରେ ଦୁଇଥର ଚ଼ାଲିବ ଏବଂ ଆସୁଥିବା ଯାତ୍ରୀମାନଙ୍କୁ ୟେଲୋ ଫିଭର ଟିକା ଭଳି କେତେକ ଦେଶ ଆବଶ୍ୟକ କରୁଥିବା ନିର୍ଦ୍ଦିଷ୍ଟ ଟିକା ସହିତ ଅତ୍ୟାବଶ୍ୟକ ଟୀକାକରଣ ସେବା, ଯାତ୍ରା ସମୟରେ ସୁସ୍ଥ ଆଚ଼ରଣ ବିଷୟରେ ପରାମର୍ଶ, ଜରୁରୀକାଳୀନ ପରିସ୍ଥିତିରେ ବ୍ୟବହାର ପାଇଁ କଷ୍ଟୋମାଇଜଡ୍ ମେଡିକାଲ୍ କିଟ୍ ଏବଂ ଅନ୍ୟାନ୍ୟ ପରାମର୍ଶ ଯୋଗାଇଦେବ। ଏମ୍ସ ସିଏମ୍ଏଫ୍ଏମ ବିଭାଗରେ ବାର୍ଷିକ ପ୍ରାୟ ୩୫୦୦ ହିତାଧିକାରୀ ହଳଦିଆ ଜ୍ୱର ଟିକା ନେଉଛନ୍ତି। ଅଜ୍ଞାତ ଯାତ୍ରୀଙ୍କ ମାଧ୍ୟମରେ ‘ବିଦେଶୀ’ ସଂକ୍ରାମକ ଏଜେଣ୍ଟଙ୍କ ପରିଚ଼ୟକୁ ରୋକିବା ପାଇଁ ଓଡ଼ିଶା ପ୍ରବେଶର ଦୁଇଟି ପଏଣ୍ଟ ଯଥା ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର, ଭୁବନେଶ୍ୱର ଏବଂ ପାରାଦୀପ ବନ୍ଦର ଉପରେ ନଜର ରଖିବାର ଗୁରୁତ୍ୱ ଉପରେ ଅତିଥିମାନେ ଗୁରୁତ୍ୱ ପ୍ରଦାନ କରିଥିଲେ। ଅତିରିକ୍ତ ପ୍ରଫେସର ତଥା ଇମ୍ୟୁନାଇଜେସନ୍ କ୍ଲିନିକ୍ ମୁଖ୍ୟ ଡ. ସ୍ୱୟଂପ୍ରଜ୍ଞା ପରିଡ଼ା ଏହି ଅଭିନବ ପ୍ରୟାସ ନିମନ୍ତେ କ୍ଲିନିକର ସଦସ୍ୟ ଡ. ଅରବିନ୍ଦ ସିଂ ଏବଂ ଡ. ଅଭିଷେକ ମିଶ୍ରଙ୍କୁ ଧନ୍ୟବାଦ ଦେଇଥିଲେ। ଏମ୍ସ ଭୁବନେଶ୍ୱରରେ ଥିବା ’ଟ୍ରାଭେଲ୍ ହେଲଥ୍ କ୍ଲିନିକ୍’ ଭ୍ରମଣ ସ୍ୱାସ୍ଥ୍ୟ ବିଷୟରେ ଜନସାଧାରଣଙ୍କ ସଚେତନତା ବୃଦ୍ଧି, ଭ୍ରମଣ ମେଡିସିନ କ୍ଷେତ୍ରରେ ଗବେଷଣା ଏବଂ ଉଦ୍ଭାବନକୁ ପ୍ରୋତ୍ସାହିତ କରିବା ଏବଂ ଦେଶର ଅନ୍ୟ ମେଡିକାଲ୍ କେନ୍ଦ୍ରରେ ଟ୍ରାଭେଲ୍ କ୍ଲିନିକ୍ ପ୍ରତିଷ୍ଠା ପାଇଁ ଉତ୍ସାହିତ କରିବ ବୋଲି ଆଶାବ୍ୟକ୍ତ କରିଥିଲେ ଉପସ୍ଥିତ ବ୍ୟକ୍ତିବିଶେଷ।

ଖେଳ
ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ 25
PARYABEKHYAK
ପର୍ଯ୍ୟବେକ୍ଷକ
Bhubaneswar Tuesday November 14, 2023 ଭୁବନେଶ୍ୱର ମଙ୍ଗଳବାର, ନଭେମ୍ବର ୧୪,୨୦୨୩ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com


# ପାରାଦୀପ ଟର୍ମୀନାଲ ଛକ ରାସ୍ତା ଗାତରେ ପଡି ଦୁର୍ଘଟଣାରେ ସାମ୍ବାଦିକ ଗୁରୁତର ଓ ଅନେକ ଆହତ

ପାରାଦୀପ,(ପି.ଏନ): ପାରାଦୀପ ବନ୍ଦରର ମୁଖ୍ୟ ପ୍ରବେଶ ପଥ ଅଠରବାଙ୍କି ଠାରୁ ଦୋଛକି ପର୍ଯ୍ୟନ୍ତ ଜାତୀୟ ରାଜପଥ ରକ୍ଷଣା ବେକ୍ଷଣ ଅଭାବରୁ ରାସ୍ତାରେ ବଡବଡ ଗର୍ତ୍ତ ସୃଷ୍ଟି ହୋଇ ସାଧାରଣରେ ମରଣ ଯନ୍ତା ପାଲଟିଛି । ଏପରି ଏକ ଘଟଣାକ୍ରମରେ ଗତ ଶନିବାର ସନ୍ଧ୍ୟାରେ ପାରାଦୀପ ର ଜଣାଶୁଣା କାର୍ଯ୍ୟରତ ସାମ୍ବାଦିକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ (ଜ୍ଞାନ) ତାରିଣୀଗଡା ରେ ନିଜ କାର୍ଯ୍ୟ ସାରି ପାରାଦୀପ କୁ ନିଜ ସ୍କୁଟିରେ ଫେରୁଥିବା ବେଳେ ଟର୍ମୀନାଲ ଛକ ନିକଟରେ ରାସ୍ତାର ଏକ ବଡ଼ ଖାଲରେ ପଡି ଗୁରୁତର ଆହତ ହୋଇଥିଲେ । ତେବେ ସେଠାରେ ପାଟ୍ରୋଲିଙ୍ଗ କରୁଥିବା ଆଦର୍ଶ ଥାନାର ପୋଲିସ କର୍ମଚାରୀମାନେ ଜ୍ଞାନ ଙ୍କୁ ତୁରନ୍ତ ଅଠରବାଙ୍କି ସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଯାଇଥିଲେ କ୍ଷ ସେଠାରେ ସ୍ୱାସ୍ଥ୍ୟ ଗୁରୁତର ହେବାରୁ ତାଙ୍କୁ ପ୍ରଥମେ କଟକ ବଡ ମେଡିକାଲ ଓ ପରେ ଭୁବନେଶ୍ୱର ର ଆମ୍ରି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ତାଙ୍କ ଅବସ୍ଥା ଶଙ୍କଟାପର୍ଣ୍ଣ ଥିବା ଜଣା ପଡିଛି । ତେବେ ସେହି ଗୋଟିଏ ଦିନରେ ସେହି ଖାଲରେ ଅନେକ ବ୍ୟକ୍ତି ପଡି ଆହତ ହୋଇଥିବା ଖବର ମିଳିଛି । ସୂଚନା ଥାଉକି, ଏହି ରାସ୍ତା ମରାମତି ଓ ଟ୍ରାଫିକ ନିୟନ୍ତ୍ରଣ ସମସ୍ୟା ବିଷୟରେ ପାରାଦୀପ ର କାର୍ଯ୍ୟରତ ସାମ୍ବାଦିକ ମାନେ ପ୍ରଶାସନ ନିକଟରେ ପ୍ରତିବାଦ ଓ ଅଭିଯୋଗ କଲାପରେ ପୋଲିସ



ପ୍ରଶାସନ ର ପ୍ରଚେଷ୍ଟା ଫଳରେ ଜାତୀୟ ରାଜପଥ ପ୍ରାଧିକରଣ ପକ୍ଷରୁ କିଛି ସ୍ଥାନରେ ରାସ୍ତାର ଖାଲଢିପ ମରାମତି କରାଯାଇଥିଲା କ୍ଷ ତେବେ ସମ୍ପୂର୍ଣ୍ଣ ରାସ୍ତା ମରାମତି ହୋଇନଥିବାରୁ ଏଭଳି ବାରମ୍ବାର ଦୁର୍ଘଟଣା ଘଟୁଥିବାରୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଛି ।

# କିଟ୍ ଓ କିସ୍ କର୍ମଚାରୀଙ୍କ ପାଇଁ ବିଭିନ୍ନ ସୁବିଧା :ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,(ପି.ଏନ): କିଟ୍ ଓ କିସ ପକ୍ଷରୁ ଏହାର କର୍ମଚାରୀଙ୍କ ପିଲାମାନଙ୍କ ନିମନ୍ତେ ପ୍ରତିଷ୍ଠା କରାଯାଇଥିବା ସେଫାଳୀ କ୍ରେଚ୍, କିଟ୍ ପବ୍ଲିକ ସ୍କୁଲ୍ ଏବଂ ସର୍ବସାଧାରଣଙ୍କ ନିମନ୍ତେ ଜୟନ୍ତ ମହାପାତ୍ର ପବ୍ଲିକ୍ ଲାଇବ୍ରେରୀ, ବାବା ନାରାୟଣ ଦାସ ପ୍ରସାଦ ସେବନ କେନ୍ଦ୍ର, କିଟ୍ ସୋଭିନିର୍ ଗ୍ୟାଲେରୀକୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶନିବାର ଉଦ୍‌ଘାଟନ କରିଛନ୍ତି । ଭୁବନେଶ୍ୱର ୟୁନିଟ୍ ୧ ରାମମନ୍ଦିର ପ୍ରତିଷ୍ଠାତା ସଭାପତି ବାବା ରାମନାରାୟଣ ଦାସ, କିଟ୍ ଓ କିସ ସଭାପତି ଶାଶ୍ୱତୀ ବଳ, ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଓ କିଟ୍ କିସ୍‌ର ବରିଷ୍ଠ ପଦାଧିକାରୀଙ୍କ ଉପସ୍ଥିତିରେ ମୁଖ୍ୟମନ୍ତ୍ରୀ ଏହି ସୁବିଧା ସବୁ ଉଦ୍‌ଘାଟନ କରିଥିଲେ । କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସର୍ବଦା କିଟ୍ ଓ କିସ୍‌ର କର୍ମଚାରୀଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦେଇଆସୁଛନ୍ତି । ଏଥିପାଇଁ ଶ୍ରୀ ସାମନ୍ତଙ୍କ ପ୍ରୟାସ କ୍ରମେ କିଟ୍ ଓ କିସ୍‌ର କର୍ମଚାରୀମାନେ କିପରି ଖୁସିରେ ରହିବେ ସେଥିପାଇଁ ବିଭିନ୍ନ କାର୍ଯ୍ୟକ୍ରମ ଓ ଯୋଜନା କାର୍ଯ୍ୟକାରୀ କରାଯାଇଥାଏ । ଏହି କ୍ରମରେ କିଟ୍ ଓ କିସ୍‌ର ସ୍ୱଳ୍ପ ବେତନୀଭୋଗୀ କର୍ମଚାରୀ ଯେଉଁମାନେ ମାସିକ ୩୦ହଜାର ଟଙ୍କାରୁ କମ୍



ବେତନ ପାଉଛନ୍ତି ସେମାନଙ୍କ ପିଲାମାନଙ୍କ ନିମନ୍ତେ ସିବିଏସ୍‌ଇ ସ୍ୱୀକୃତିପ୍ରାପ୍ତ କିଟ୍ ପବ୍ଲିକ୍ ସ୍କୁଲ୍ ପ୍ରତିଷ୍ଠା କରାଯାଇଛି । ଏଠାରେ ସ୍ୱଳ୍ପ ଦେୟରେ କର୍ମଚାରୀଙ୍କ ପିଲାମାନେ ପାଠ ପଢ଼ିପାରିବେ । ସେହିପରି କର୍ମଚାରୀଙ୍କ ଶିଶୁମାନଙ୍କ ନିମନ୍ତେ ସେଫାଳୀ କ୍ରେଚ୍ ଖୋଲାଯାଇଛି । ଅନ୍ୟପକ୍ଷରେ କିଟ୍ ଶିକ୍ଷାନୁଷ୍ଠାନ ସମୂହ ଓ କିସ୍ ପକ୍ଷରୁ ସାମାଜିକ ଦାୟିତ୍ୱବୋଧ ସ୍ୱରୂପ ସର୍ବସାଧାରଣଙ୍କ ନିମନ୍ତେ ବିଭିନ୍ନ କଲ୍ୟାଣକାରୀ କାର୍ଯ୍ୟକ୍ରମ କାର୍ଯ୍ୟକାରୀ କରାଯାଇଥାଏ । କିଟ୍ ଗୁଣ୍ଡିଚା ମନ୍ଦିର ନିକଟରେ ସର୍ବସାଧାରଣଙ୍କ ନିମନ୍ତେ ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କବି ପଦ୍ମଶ୍ରୀ ଜୟନ୍ତ ମହାପାତ୍ରଙ୍କ ନାମରେ ନାମିତ ଏକ ବୃହତ ଶୀତତାପ ନିୟନ୍ତ୍ରିତ ସର୍ବସାଧାରଣ ପାଠାଗାର ଖୋଲାଯାଇଛି । କିମ୍ସକୁ ଆସୁଥିବା ରୋଗୀମାନଙ୍କ ସହାୟକ ଓ ସର୍ବସାଧରଣଙ୍କୁ ରିହାତି ମୂଲ୍ୟରେ ପ୍ରସାଦ ଯୋଗାଇଦେବା ନିମନ୍ତେ କିଟ୍ ଜଗନ୍ନାଥ ମନ୍ଦିର ପକ୍ଷରୁ ବାବା ନାରାୟଣ ଦାସ ପ୍ରସାଦ ସେବନ କେନ୍ଦ୍ର ଖୋଲାଯାଇଛି । ଏହି ପ୍ରସାଦ ସେବନ କେନ୍ଦ୍ରରେ ମାତ୍ର ୩୦ଟଙ୍କାରେ ଯେ କେହି ପ୍ରସାଦ ସେବନ କରିପାରିବେ । କିଟ୍ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ, କର୍ମଚାରୀ ପୁରାତନ ଛାତ୍ରଛାତ୍ରୀ ଓ କିଟ୍ ଓ କିସ୍‌କୁ ପରିଦର୍ଶନରେ ଆସୁଥିବା ବ୍ୟକ୍ତିମାନଙ୍କ ପାଇଁ ବିଶ୍ୱର ବିଭିନ୍ନ ସ୍ଥାନର ସଂସ୍କୃତି ବିଶେଷକରି ଓଡ଼ିଶାର ସମୃଦ୍ଧ ହସ୍ତଶିଳ୍ପ ଏବଂ କିଟ୍ ବିଶ୍ୱବିଦ୍ୟାଳୟ ବ୍ରାଣ୍ଡର ବିଭିନ୍ନ ପ୍ରକାର ପୋଷାକପତ୍ରକୁ ନେଇ କିଟ୍ ସୋଭିନିର୍ ଗ୍ୟାଲେରୀ ପ୍ରତିଷ୍ଠା କରାଯାଇଛି ।

# ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର,ଜୟଦେବ ବିହାରର ସପ୍ତବିଂଶତମ ବାର୍ଷିକ କ୍ରୀଡା ସମାରୋହ-୨୦୨୩

ଭୁବନେଶ୍ୱର,(ପି.ଏନ): ଆମ୍ଭ ବିଦ୍ୟାଳୟର ସପ୍ତବିଂଶତମ ବାର୍ଷିକକ୍ରୀଡା ନୟାପଲ୍ଲୀସ୍ଥିତ ଇନ୍ଦିରା ମଇଦାନ ଠାରେ ତା୧୦.୧୧.୨୦୨୩ରିଖ ଓ ତା୧୧.୧୧.୨୩ରିଖ ଦୁଇଦିନ ଧରି ଅନୁଷ୍ଠିତ ହୋଇ ଯାଇଛି । ସ୍ଥାନୀୟକର୍ପୋରେଟର ମହୋଦୟା ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା, ୱାର୍ଡ ନଂ ୩୮ ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଅତିଥି ମାନଙ୍କ କରକମଳରେ ଦୀପ ପ୍ରଜ୍ଜ୍ୱଳନ ପରେ ସଭାପତି ଶ୍ରୀଯୁକ୍ତ ବ୍ରଜ କିଶୋର ଶର୍ମାଙ୍କ ଦ୍ୱାରା ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା । ପ୍ରଧାନାଚାର୍ଯ୍ୟ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ଓଝା ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ । ପରିଚାଳନା ସମିତିର ଯୁଗ୍ମ ସଂପାଦିକା ଶ୍ରୀମତୀ ଶାନ୍ତି ବେହେରା, ସଦସ୍ୟା ଶ୍ରୀମତୀ ଫୁଲମଣି ସୋରେନ ଉପସ୍ଥିତ ରହି କ୍ରୀଡାବିତ ମାନଙ୍କୁ ଉତ୍ସାହିତ କରିଥିଲେ । ସଂପାଦକ ଶ୍ରୀଯୁକ୍ତ ବାଣୀବ୍ରତ ତ୍ରିପାଠୀଙ୍କ ପ୍ରତ୍ୟକ୍ଷ



ତତ୍ତ୍ୱାବଧାନରେ ଉଦ୍‌ଘାଟନ କାର୍ଯ୍ୟକ୍ରମ ସାଫଲ୍ୟ ମଣ୍ଡିତ ହୋଇଥିଲା ।ଉଦ୍‌ଯାପନି ଉତ୍ସବରେ 'ମୁଖ୍ୟ ଅତିଥି' ଓ 'ସମ୍ମାନନୀୟ ଅତିଥି' ରୁପେ ଭୁବନେଶ୍ୱର (ମଧ୍ୟ) ବିଧାୟକ ମାନ୍ୟବର ଶ୍ରୀ ଅନନ୍ତ ନାରାୟଣ ଜେନା , ପୂର୍ବତନ ଭାରତୀୟ ହକି ଅଧିନାୟକ ତଥା ବର୍ତମାନର ଭାରତୀୟ ହକି ମହାସଂଘର ସଭାପତି ,ପଦ୍ମଶ୍ରୀ ମାନ୍ୟବର ଶ୍ରୀଯୁକ୍ତ ଦିଲ୍ଲିପ ତିର୍କୀ , ଆମ ଦୁଃଖ ସୁଖର ସାଥି ମାନନୀୟା ଶ୍ରୀମତୀ ପଦ୍ମଜା ପ୍ରିୟଦର୍ଶିନୀ ଜେନା ଓ ସମାଜସେବୀଶ୍ରୀ ସୌମେନ୍ଦ୍ର ଜେନାଓ ପୂର୍ବତନ ରଣଜୀ କ୍ରିକେଟ୍ ଖେଳାଳୀ ତଥା କୋଚ୍ ଶ୍ରୀ କ୍ଷୀରୋଦ ବେହେରା ଯୋଗଦାନ କରିଥିଲେ । ବାଟିକା ବିଭାଗରେ ହସଖେଳ ପ୍ରତିଯୋଗିତା ବିଦ୍ୟାଳୟ ପରିସରରେ ବାଟିକା ପ୍ରମୁଖା ଶ୍ରୀମତୀ ହରପ୍ରିୟା ଦାସ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । କନିଷ୍ଠ, ଶିଶୁ, ବାଲଓ କିଶୋର ବର୍ଗ କୁ ନେଇ ଅନୁଷ୍ଠିତ ହୋଇଥିବା ପ୍ରତିଯୋଗୀତାରେ ପ୍ରାୟ ୭୦୦ ଶିଶୁ ଭାଗ ନେଇ ନିଜର ପରାକାଷ୍ଠା ଦେଖାଇଥିଲେ । ବିଭିନ୍ନ ବିଭାଗ ଓ ବର୍ଗରେ ପାରଦର୍ଶିତା ଅର୍ଜନ କରିଥିବା ଶ୍ରେଷ୍ଠ କ୍ରୀଡାବିତ୍ ଶିଶୁମାନଙ୍କୁ ପୁରସ୍କୃତ କରାଯାଇଥିଲା । କ୍ରୀଡାପ୍ରମୁଖ ଶ୍ରୀ କେଶ ରଂଜନ ପରିଡ଼ାଙ୍କ ତତ୍ତ୍ୱାବଧାନରେ ବାର୍ଷିକ କ୍ରୀଡା ପରିଚାଳିତ ହୋଇଥିଲା । ଉପରୋକ୍ତ ବିବରଣୀକୁ ଆପଣଙ୍କ ସଂବାଦ ପତ୍ରରେ ପ୍ରକାଶ କଲେ ବିଦ୍ୟାଳୟ ଆପଣଙ୍କ ନିକଟରେ ଚିର କୃତଜ୍ଞ ରହିବ ।

# କଂଗ୍ରେସ ପକ୍ଷରୁ ଡିସେମ୍ବର ୧ ରେ ତୁଳସୀ ଯାତ୍ରା : ଶରତ ପଟ୍ଟନାୟକ

ଭୁବନେଶ୍ୱର (ପି.ଏନ): ଆଜି ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ପିସିସି ସଭାପତି ଶ୍ରୀ ଶରତ ପଟ୍ଟନାୟକ ଗଣମାଧ୍ୟମକୁ ସମ୍ବୋଧିତ କରି କହିଥିଲେ ଯେ ନବୀନ ସରକାର ଭକ୍ତ ଓ ଭଗବାନଙ୍କ ମଧ୍ୟରେ ପାଚେରୀ ହୋଇ ଛିଡ଼ା ହେଉଛନ୍ତି । ପୁରୀ ଶ୍ରୀମନ୍ଦିରର ଚାରିଦ୍ୱାର ଖୋଲିବା, ରତ୍ନଭଣ୍ଡାରର ଗଣତି, ମଣତି ଓ ମରାମତି ଏବଂ ବେଦାନ୍ତ ଅଧିକୃତ ଜଗନ୍ନାଥଙ୍କ ଅମୃତମଣୋହୀ ଜମି ଓ ଚାଷୀଙ୍କ ଜମିକୁ ଫେରସ୍ତ ସମେତ ଅନ୍ୟାନ୍ୟ ସମୁଦାୟ ୬ ଗୋଟି ଦାବିକୁ ନେଇ ପ୍ରଦେଶ କଂଗ୍ରେସ ପକ୍ଷରୁ ଗତ ଅକ୍ଟୋବର ୧୬ ରେ ପୁରୀ ଠାରେ ବିଶାଳ ସମାବେଶ ଓ ବିକ୍ଷୋଭ ଶୋଭାଯାତ୍ରା କରାଯାଇ ମାନନୀୟ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା । ଅକ୍ଟୋବର ୨୯ ସୁଧା ଦାବି ପୂରଣ ନହେଲେ ପୁଣି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଥିଲା । ଯେହେତୁ ସରକାର ଏ ସମ୍ପର୍କରେ ପଦକ୍ଷେପ ନେଲେ ନାହିଁ ତେଣୁ ସେହି ୬ ଗୋଟି ଦାବିର ସମାଧାନ ନିମନ୍ତେ ସାରା ରାଜ୍ୟରେ ପ୍ରଭୁ ଜଗନ୍ନାଥଙ୍କ ସମ୍ମୁଖରେ ଗତ ନଭେମ୍ବର ୯ ତାରିଖରେ ସଂକୀର୍ତନ ସତ୍ୟାଗ୍ରହ କରାଯାଇଥିଲା । ଯେହେତୁ ପ୍ରଦେଶ କଂଗ୍ରେସ ପକ୍ଷରୁ ନିଷ୍ପତି ନିଆଯାଇଥିଲା ଯେ ଦାବି ପୂରଣ ନହେବା ଯାଏ ଆନ୍ଦୋଳନ ଜାରି ରହିବ, ସେହି କ୍ରମରେ ଆସନ୍ତା ଡିସେମ୍ବର ୧ ତାରିଖ ଦିନ ତୁଳସୀ ଯାତ୍ରା କରାଯିବ ବୋଲି ପିସିସି ସଭାପତି ଶ୍ରୀ ପଟ୍ଟନାୟକ ଘୋଷଣା କରିଛନ୍ତି । ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟର ସମସ୍ତ ବ୍ଲକ ଓ ନଗରର ସାଧାରଣ ଜନତା, ଜଗନ୍ନାଥ ପ୍ରେମୀ, ଭକ୍ତ, ଶ୍ରଦ୍ଧାଳୁ, ଯୁବକ ଯୁବତୀ, ଛାତ୍ର ଛାତ୍ରୀ, ହବିଷ୍ୟାଳି, ଭକ୍ତ, ମଉସା ମାଉସୀ, ଭାଇ ଭଉଣୀ ଙ୍କ ଠାରୁ ତୁଳସୀ ସଂଗ୍ରହ କରାଯିବ । ଜିଲ୍ଲା କଂଗ୍ରେସ ସଭାପତିଙ୍କ ତତ୍ତ୍ୱାବଧାନରେ ନଗର/ବ୍ଲକ



ସଭାପତିମାନେ ବୁଥ, ୱାର୍ଡ ଓ ପଂଚାୟତ ସଭାପତିଙ୍କ ଜରିଆରେ ତୁଳସୀ ସଂଗ୍ରହ କରିବେ । ପ୍ରତି ବ୍ଲକ ଓ ନଗର କଂଗ୍ରେସ କମିଟି ପକ୍ଷରୁ ଗୋଟିଏ ଲେଖାଏଁ ଗାଡ଼ିରେ ସଂଗୃହୀତ ତୁଳସୀକୁ ଡିସେମ୍ବର ୧ ତାରିଖ ସୁଦ୍ଧା ଭୁବନେଶ୍ୱର ସ୍ଥିତ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟକୁ ଆଣିବେ । ଡିସେମ୍ବର ୧ ତାରିଖ ଦିନ ସାରା ରାଜ୍ୟରୁ ସଂଗୃହିତ ତୁଳସୀ ଏବଂ ସଜ ତୁଳସୀ ଧରି ଶ୍ରୀକ୍ଷେତ୍ର ଅଭିମୁଖେ ତୁଳସୀ ଯାତ୍ରା କରାଯିବ । ଉକ୍ତ ୧ ତାରିଖ ଦିନ ଶ୍ରୀକ୍ଷେତ୍ରର ଶରଧାବାଲି ଠାରେ ଜଗନ୍ନାଥ ପ୍ରେମୀ ଭକ୍ତ, କଂଗ୍ରେସ କର୍ମୀ ଓ ନେତୃବୃନ୍ଦ ଏକତ୍ରିତ ହେବେ ଏବଂ ଶୋଭାଯାତ୍ରାରେ ଯାଇ ପ୍ରଭୁ ଜଗନ୍ନାଥଙ୍କୁ ତୁଳସୀ ଅର୍ପଣ କରିବେ । ଯଦି ଏହି ଆନ୍ଦୋଳନ ପରେ ସରକାର ଏହି ୬ ଗୋଟି ଦାବିର ସମାଧାନ ପଦକ୍ଷେପ ଗ୍ରହଣ ନକରିବେ ତେବେ ଆନ୍ଦୋଳନର ପରବର୍ତୀ କାର୍ଯ୍ୟକ୍ରମ ଘୋଷଣା କରାଯିବ । ଓଡ଼ିଶା, ଭାରତ ଏବଂ ବିଶ୍ୱର ଜନତା ଜଗନ୍ନାଥଙ୍କ ପାଖକୁ ନିଜର ଗୁହାରୀ ଶୁଣାଇବାକୁ ଆସୁଛନ୍ତି । ମାତ୍ର ନବୀନ ସରକାର ଏଥିରେ ପ୍ରତିବନ୍ଧକ ସାଜୁଛନ୍ତି । ନିକଟରେ ଦର୍ଶନ ପାଇଁ ଆସି ଘଂଟା ଘଂଟା ଧରି ଧାଡ଼ିରେ ଠିଆହୋଇଥିବା ଭକ୍ତଙ୍କ ମଧ୍ୟରୁ ପ୍ରାୟ ୩୦ ଜଣ ଦଳାଚକଟାରେ ଆଘାତ ହୋଇଛନ୍ତି । ଭକ୍ତଙ୍କ ଗୋଡ଼ ଭାଙ୍ଗିଯାଇଛି । ଅନେକ ଭକ୍ତ ମୂର୍ଚ୍ଛା ହୋଇପଡୁଛନ୍ତି । ଯାହାର ପ୍ରଭାବ ନବୀନ ସରକାରଙ୍କ ଉପରେ ପଡୁନାହିଁ । ୪ ଧାମରୁ ଜଗନ୍ନାଥ ମନ୍ଦିର ଏକ ଧାମ । ଜଗନ୍ନାଥଙ୍କ ଭକ୍ତମାନେ ଜଗନ୍ନାଥଙ୍କୁ ନିଜର ଦୁଃଖ ଜଣାନ୍ତି ମାତ୍ର ସ୍ୱେଚ୍ଛାଚାରୀ ନବୀନ ସରକାର ନିଜ ଅହଂକାରରେ ଅଟଳ ଅଛନ୍ତି । କଂଗ୍ରେସ ଦଳ ଏହାକୁ ବରଦାସ୍ତ କରିବ ନାହିଁ ଆନ୍ଦୋଳନ ଜାରି ରହିବ । ଏହି ସମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ରହି ପୂର୍ବତନ ପିସିସି ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ କହିଛନ୍ତି ଯେ ସାରା ରାଜ୍ୟରୁ ସଂଗୃହିତ ତୁଳସୀ ଓ ସଜ ତୁଳସୀ ନୈବେଦ୍ୟ ଭାବରେ ମହାପ୍ରଭୁଙ୍କ ପାଖରେ ସମର୍ପିତ ହେବ । କଂଗ୍ରେସ ଓ ଭକ୍ତଙ୍କର ଦାବି ପ୍ରତି ସରକାର କାନଆଖି ବନ୍ଦ କରିଦେଇଛନ୍ତି । କଂଗ୍ରେସର ସଂକୀର୍ତନ ସତ୍ୟାଗ୍ରହ ଯୋଗୁଁ ଓଡ଼ିଶା ସରକାର ରତ୍ନଭଣ୍ଡାର ଲେଜର ସ୍କାନିଂ କରିବାପାଇଁ କହିଛନ୍ତି ମାତ୍ର କଂଗ୍ରେସର ଦାବି ରତ୍ନଭଣ୍ଡାରର ଭିତର ଦ୍ୱାରକୁ ଖୋଲଯାଇ ଗଣତି, ମଣତି ଓ ମରାମତି କରାଯାଉ । ତୁଳସୀ ଯାତ୍ରା ଓଡ଼ିଶାର ପୁରପଲ୍ଲୀରେ ଥିବା ଭକ୍ତଙ୍କ ଭାବାବେଗ ସହ ଜଡ଼ିତ ହେବ । ଏହି ଯାତ୍ରା ଭକ୍ତ ଯାଗରଣ ପାଇଁ ଅଭିପ୍ରେତ । ଶ୍ରୀ ହରିଚନ୍ଦନ କହିଛନ୍ତି ଯେ ସରକାର ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଲୋକାର୍ପଣ ଜାନୁଆରୀ ୧୭ ତାରିଖରେ କରିବେ । ଏହି ପ୍ରକଳ୍ପରେ କ'ଣ କ'ଣ କାର୍ଯ୍ୟ ହୋଇଛି କେଉଁ ପ୍ରକାରର କାର୍ଯ୍ୟ ହୋଇଛି ଏଥିରେ କେତେ ଅର୍ଥ ବିନିଯୋଗ ହୋଇଛି, କାର୍ଯ୍ୟର ଦାୟୀତ୍ୱ ନିର୍ବାହ କିଏ କରିଛନ୍ତି ଏହାର ସଂପୂର୍ଣ୍ଣ ବିବରଣୀ ସ୍ୱେତପତ୍ର ମାଧ୍ୟମରେ ପ୍ରକଳ୍ପର ଲୋକାର୍ପଣ ଦିବସରେ ପ୍ରକାଶ କରିବାକୁ କଂଗ୍ରେସ ଦାବି କରୁଛି । ବାଙ୍ଗାଲୋର ଓ ରାଜମନ୍ଦିର ପ୍ରଭୃତି ସ୍ଥାନରୁ ଅଧିକ ମୂଲ୍ୟର ଗଛ ଆଣି ଏଠାରେ ରୋପଣ କରାଯାଇଛି । ଏହି କାର୍ଯ୍ୟକ୍ରମର ସ୍ୱଚ୍ଛତା ଉପରେ ମଧ ଶ୍ରୀ ହରିଚନ୍ଦନ ପ୍ରଶ୍ନ ଉଠାଇଛନ୍ତି । ଯେହେତୁ ମନ୍ଦିରର ବିଭିନ୍ନ କାର୍ଯ୍ୟକ୍ରମର ଘଟଣାବଳୀ ମାଦଳା ପିଙ୍କିରେ ଉଲ୍ଲେଖ କରାଯାଏ ତେଣୁ ଏହିସବୁ ଘଟଣା ମାଦଳା ପିଙ୍କିରେ ଉଲ୍ଲେଖ ରହୁ ଯାହାଦ୍ୱାରା ଏହାକୁ ପରବର୍ତୀ ପୀଢ଼ି ଜାଣିପାରିବେ । ଏହି ସାମ୍ବାଦିକ ସମ୍ମିଳନୀରେ ଯୋଗଦେଇ ପୂର୍ବତନ ମନ୍ତ୍ରୀ ତଥା ପିସିସି ଇସ୍ତାହାର କମିଟିର ଅଧକ୍ଷ ଶ୍ରୀ ପଂଚାନନ କାନୁନଗୋ କହିଛନ୍ତି ଯେ କଂଗ୍ରେସର ଦାବି ପୂରଣ ନହେବାଯାଏ ଧାରାବାହିକ ଭାବରେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ଜାରି ରହିବ । ତୁଳସୀ ଯାତ୍ରା ଏହି ଆନ୍ଦୋଳନର ଏକ ପର୍ଯ୍ୟାୟ । ଦୁଇଟି ପର୍ଯ୍ୟାୟର ଆମର ଆନ୍ଦୋଳନ ସରିଛି । ଗାଁରୁ ପୁରୀ ପର୍ଯ୍ୟନ୍ତ ଓଡ଼ିଶାର ଜଗନ୍ନାଥ ପ୍ରେମୀ ଓ ଭକ୍ତଙ୍କ ସ୍ୱରକୁ କଂଗ୍ରେସ ଉତୋଳନ କରୁଛି ।

ADMISSION OPEN
MAHARISHI PLAY SCHOOL
A Great Place to Grow @ mps
PLAY GROUP (2+)
NURSERY (3+)
LKG, UKG, STD-I TO V
25% reservation as per RTE Act (2009)



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities
TUITION CLASSES
for Std I to Std V
Timing: 5 PM to 6.30 PM
MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884,2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act

Printed & Puböished by Budhadev Mohapatra on behaöf of Hiranmayee Media Pvt. Ötd. & Printed at Mayur Offset Printers, Pöot No. D-1/1, Mancheswar Industriaö Estate, Bhubaneswar-751010 & Puböished at N-4, F/24, IRC Viööage, Nayapaööi, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-maiö :editorpbkc@gmaiö.com, paryabekhyak@gmaiö.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray